ସକାଳ THE SAKALA



# ଆହତ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଭେଟିଲେ ବିଧାୟକ



ରାଜନଗର,୨୧।୨(ସମିସ): ଆଜି ରାଜନଗର ବ୍ଲକ ବାଘମାରିସ୍ଥିତ ବିବେକାନନ୍ଦ ବିଦ୍ୟାପୀଠର ୧୧ ଜଣ ପରୀକ୍ଷାର୍ଥୀ ଏକ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି ।ତାଳଚୁଆରୁ ଏହି ପରୀକ୍ଷାର୍ଥୀମାନଙ୍କୁ ଡ଼ାଙ୍ଗମାଳଠାରେ ଥିବା ନାଗା ନାରାୟଣ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ନେଉଥିବା ବୋଲେରେ ସକାଳେ କୃଷ୍ଣନଗର ଛକ ନିକଟରେ ସେହି ଗ୍ରାମର ସୁବୋଧ ମଣ୍ଡଳ ନାମକ ଜଣେ ସାଇକେଲ ଆରୋହୀଙ୍କ ଧକ୍କା ଦେଇ ନିକଟସ୍ଥ ନାଳ ଭିତରକୁ ଗଡ଼ି ଯାଇଥିଲା। ଫଳରେ ସୁବୋଧ ମଣ୍ଡଳଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ପରୀକ୍ଷାର୍ଥୀ ଆହତ ହୋଇଥିଲେ ।ବୋଲେରୋ ମଧ୍ୟରେ ଥିବା ପରୀକ୍ଷାର୍ଥୀଙ୍କୁ ସ୍ଥାନୀୟ ଲୋକେ କାଚ ଭାଙ୍ଗି କାଦୁଅ ଜୁବୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ । ୧୧ ଜଣ ପରୀକ୍ଷାର୍ଥୀ ଙ୍କୁ ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଡ୍ରେସ ବଦଳାଇ ସେମାନେ ସମସ୍ତେ ପରୀକ୍ଷା ଦେଇଥିଲେ । ପରୀକ୍ଷା ପରେ ଉମାକାନ୍ତ ମାଇତି , ଦୟାନିଧି ଭୂୟାଁ ଘରକୁ ଫେରିଥିବା ବେଳେ ଆହତ ହୋଇଥିବା ସିଦ୍ଧାନ୍ତ ମାଇତି , ଅଭିଜ୍ଞାନ କୁଣ୍ଡ , ସନ୍ଦିପନ କୁଣ୍ଡ , ବୁଦ୍ଧଦେବ ଦାସ , ଶୁଭଙ୍କର ବାରିକ , ଏସ କେ ବୈରୁଲ, ସାଇନା ଫାତୁନ, ସୁବାସ ଜେନା , ଆଜଦ ଅଲ୍ଲୀଖାନଙ୍କୁ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ପରୀକ୍ଷାର୍ଥୀଙ୍କ ମୁଣ୍ଡ, ହାତ, ଗୋଡରେ ମାଡ ହୋଇଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ।ରାଜନଗର ବିଧାୟକ ଧ୍ରୁବ ସାହୁ କେନ୍ଦ୍ରପଡା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି ।ବିଧାୟକ ଉପସ୍ଥିତ ରହି ଆହତ ପରୀକ୍ଷାର୍ଥୀଙ୍କର ସିଟି ସ୍କାନ , ଏକ୍ସରେ ଆଦି କରାଇଛନ୍ତି । ଡାକ୍ତରଙ୍କ ସହିତ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଏହା ପରେ ବିଧାୟକ ଶ୍ରୀ ସାହୁ କୃଷ୍ଣନଗର ଗାଁରେ ପହଞ୍ଚି ମୃତ ସୁବୋଧର ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୁବୋଧ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସମ୍ପର୍କରେ ପ୍ରଶାସନ ସହିତ କଥା ହୋଇଛନ୍ତି ।

# ଗାଡ଼ି ବିଲ୍ କରିବା ପାଇଁ ସିଡିପିଓ ନେଇଛନ୍ତି ୯୦ ହଜାର ଲାଞ୍ଚ !

## ପ୍ରମାଣ ସହ ଗାଡ଼ି ମାଲିକଙ୍କ ଥାନାରେ ଏତଲା

ରାଜନଗର, ୨୧।୨ (ସମିସ):

ରାଜନଗର ବ୍ଲକରେ ଥିବା ମହିଳା ଓ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଲାଗିଥିବା ପ୍ରାଇଭେଟ୍ ଗାଡ଼ିର ଭଡ଼ା ବାବଦ ବିଲ୍ କରିବା ପାଇଁ ସିଡିପିଓ ଲାଞ୍ଚ ନେବା ସତ୍ତ୍ୱେ ବିଲ ନକରିବାରୁ ଗାଡ଼ି ମାଲିକ ଆଜି ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ସହିତ ସିଡିପିଓଙ୍କୁ ଫୋନ୍ ପେ'ରେ ୨୩ ଡିସେମ୍ବର ୨୦୨୪ରେ ପଠାଇଥିବା ୫୦ ହଜାର ଓ ୨୪ ଡିସେମ୍ବର ୨୦୨୪ ରେ ପଠାଇଥିବା ୧୦ ହଜାର ଟଙ୍କାର ରସିଦ ଦାଖଲ କରିଛନ୍ତି। ସିଡିପିଓଙ୍କ ବିରୁଦ୍ଧରେ ଲାଞ୍ଚ ନେଇଥିବାର ପ୍ରମାଣ ସହ ଅଭିଯୋଗ ରାଜନଗରରେ ଚର୍ଚ୍ଚାର ବିଷୟ ହୋଇଛି। ଚଳିତ ମାସ ୧୦ ତାରିଖ ଦିନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରାଜନଗର ସିଡିପିଓଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର କରି ନେବା ପରେ ଏଭଳି ଅଭିଯୋଗ ଆସିଛି। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର




ସମରେନ୍ଦ୍ର ସାହୁ ତାଙ୍କର ଚାରିଚକିଆ ବୋଲେରୋ ଗାଡି ସିଡିପିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲଗାଇଥିଲେ। ଗାଡ଼ିର ଏଗ୍ରିମେଣ୍ଟ ଅବଧି ୩ ଜୁଲାଇ ୨୦୨୪ରେ ପୁରି ଯାଇଛି। ଗାଡିର ଏଗ୍ରିମେଣ୍ଟ ଅବଧି ପୁରି ଯିବା ପରେ ମଧ୍ୟ ତାଙ୍କ ଗାଡ଼ି ବିଭାଗରେ ନେବା ଆଣିବା କରୁଥିଲା। ଜୁଲାଇ ମାସ ଠାରୁ ବକେୟା ଗାଡ଼ି ଭଡ଼ା ପାଇଁ ଡିସେମ୍ବର ୨ ତାରିଖରେ ନୂତନ ସିଡିପିଓ ଭାବେ ଯୋଗଦେଇଥିବା ସ୍ମିତାଞ୍ଜଳି ରାୟଙ୍କୁ କହିଥିଲେ। ସିଡିପିଓ ଏହି ବକେୟା ଭଡ଼ା ବିଲ କରିବା ପାଇଁ ଲାଞ୍ଚ ମାଗିଥିଲେ। ସେ ୨୩ ଡିସେମ୍ବରରେ ଫୋନ ପେ ମାଧ୍ୟମରେ ୫୦ ହଜାର, ୨୪ ଡିସେମ୍ବରରେ ଫୋନ ପେ ମାଧ୍ୟମରେ ୧୦ ହଜାର ଓ ନଗଦ ୩୦ ହଜାର ଟଙ୍କା ମୋଟ ୯୦ ହଜାର ଟଙ୍କା ଦେଇଛନ୍ତି। ୯୦ ହଜାର ଟଙ୍କା ଲାଞ୍ଚ ଦେବା ସତ୍ତ୍ୱେ ମଧ୍ୟ ବକେୟା ଗାଡ଼ି ବିଲ କରିନଥିଲେ। ଗତକାଲି ରାଜନଗର ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟକୁ ଆସିଥିବା କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଉପସ୍ଥିତରେ ବକେୟା ଟଙ୍କା ମାଗିଥିଲେ। ଏନେଇ ଗାଡି ମାଲିକ ସମରେନ୍ଦ୍ରଙ୍କ ବାପା ଉମାକାନ୍ତ ସାହୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଲୋକକବି ଭାବଗ୍ରାହୀ ପରିଡ଼ାଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା,୨୧।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଲୋକକବି ଭାବଗ୍ରାହୀ ପରିଡାଙ୍କ ପୁଣ୍ୟ ପଞ୍ଚଦଶ ଶ୍ରାଦ୍ଧୋତ୍ସବ



କବିଙ୍କ ଗୃହାଙ୍ଗନରେ ମହାସମାରୋହରେ ପାଳିତ ହୋଇଯାଇଛି। କବିଙ୍କ ସୁପୁତ୍ର ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବରେ ଫୋରଡ ବାୟା ଆଶ୍ରମର ମହନ୍ତ ମହାରାଜ ହୃଷିକେଶ ଦାଶ ଏବଂ ସମ୍ମାନୀତ ଅତିଥି ଭାବରେ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡା, ସମାଜସେବୀ ହରିଶ୍ଚନ୍ଦ୍ର ଜେନା ଓ ସନ୍ତ ନାରାୟଣ ଦାଶ ପ୍ରମୁଖ ଯୋଗଦେଇ ପୂର୍ବକ କାଳଜୟୀ କବି ଭାବଗ୍ରାହୀଙ୍କ ଜୀବନାଦର୍ଶ ଏବଂ କାବ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ସିଦ୍ଧ ମହାପୁରୁଷ ମଠସ୍ଥିତ କବିଙ୍କ ସମାଧିରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ କଳା ନିକେତନ ପରିସରରେ ଥିବା କବିଙ୍କ ପ୍ରତିମୂର୍ତ୍ତି ସମେତ ଅକ୍ଷୟ ମହାନ୍ତି, ଭିକାରୀ ବଳ, ପତ୍ନୀ ସରୋଜିନୀ ପରିଡାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପଞ୍ଚ ଦିବସୀୟ ହରିବଂଶ ପାରାୟଣ, ହୋମଯଜ୍ଞ, ଭଜନ, ଆଧ୍ୟାତ୍ମିକ ନୃତ୍ୟ, ପ୍ରବଚନ ଏବଂ ନାମ ସଙ୍କୀର୍ତ୍ତନ ଯଥାବିଧି ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ବିଭାଗ ତରଫରୁ ମହ୍ଲାର ଅର୍କେଷ୍ଟ୍ରାର ଶିଳ୍ପୀମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବିଜୟ ପରିଡା, ବିକ୍ରମ ପରିଡା, ବିକାଶ ପରିଡା, ବିପିନ ପରିଡା, ବିଚିତ୍ର ପରିଡା, ବାସନ୍ତୀ ପରିଡା, ନୃସିଂହ ମହାପାତ୍ର, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଦୁର୍ଗାଚରଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜଗାନନ୍ଦ ହରିବଂଶ ପାରାୟଣ କରିଥିଲେ। ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଏବଂ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ ଗାଇଥିଲେ। ଶେଷରେ ଗୀତିକାର ବିମଳ ପ୍ରସାଦ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ ୨୧।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ଗ୍ରାମର ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରାରେ ଗ୍ରାମର ମହିଳା ଓ ପୁରୁଷମାନେ ସାମିଲ ହୋଇ ପବିତ୍ର ଗୋବରୀ ନଦୀର କଳିଙ୍ଗା ଘାଟରୁ ଶୁଦ୍ଧ ଜଳ ଆଣି ମନ୍ଦିର ନିକଟସ୍ଥ ଯଜ୍ଞ ଗୃହରେ ଘଟ ସ୍ଥାପନା କରିଥିଲେ। ପଣ୍ଡିତ ଦେବରାଜ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଧ୍ୱନୀ ମଧ୍ୟରେ ହୋମଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତିନିଦିନ ଧରି ଚାଲିଥିବା ଏହି ଯଜ୍ଞର ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ତଥା ଭଜନକୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନାବାର୍ଡର ସମ୍ଭାବ୍ୟ ଲିଙ୍କ୍ଡ୍ କ୍ରେଡିଟ୍ ପ୍ଲାନର ବୈଠକ



କେନ୍ଦ୍ରାପଡ଼ା,୨୧।୨(ସମିସ): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରାଥମିକତା କ୍ଷେତ୍ର ଋଣ ଅଧୀନରେ ନାବାର୍ଡର ସମ୍ଭାବ୍ୟ ଲିଙ୍କଡ଼ କ୍ରେଡିଟ୍ ପ୍ଲାନର ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅଗ୍ରାଧିକାର କ୍ଷେତ୍ର ଲାଗି ୫୪୧୨.୧୨ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଆକଳନ କରାଯାଇଥିଲା ବେଳେ ନାବାର୍ଡର ରୂପରେଖ ପ୍ରସ୍ତୁତ କରାଯାଇଥିଲା ।ଜିଲ୍ଲାପାଳ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ ଦେଇ ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରବାହ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଡକ୍ଟର ସ୍ମିତା ଏନ. ବଡଜେନା, ଜିଲ୍ଲା ଉନ୍ନୟନ ପରିଚାଳିକା, ନାବାର୍ଡ, ମନୋଜ କେ. ପ୍ରଧାନୀ, ପ୍ରମୁଖ ଜିଲ୍ଲା ପରିଚାଳକ, କଲ୍ୟାଣ ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସନ୍ତୋଷ କୁମାର ଦାସ, ଡିଆରସିଏସ, କେନ୍ଦ୍ରାପଡ଼ା ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଦଶ ପଞ୍ଚାୟତ ବିକାଶ ପରିଷଦ କେନ୍ଦ୍ରୀୟ ପରିଚାଳନା କମିଟି ଗଠିତ

ପଟ୍ଟାମୁଣ୍ଡାଇ,୨୧।୨(ସମିସ): ପୁରାତନ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କରାଯିବା ପରେ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ସହିତ ସାମିଲ ଥିବା ୧୦ ଗୋଟି ପଞ୍ଚାୟତକୁ ନେଇ ଦଶ ପଞ୍ଚାୟତ ବିକାଶ ପରିଷଦ ଗଠନ କରାଯାଇଛି। ଇତି ମଧ୍ୟରେ ଏହି ପରିଷଦର କେନ୍ଦ୍ରୀୟ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତି ଭାବେ ବ୍ରଜ ସୁନ୍ଦର ଭୂୟାଁ, ଉପ ସଭାପତି ଭାବେ ଦାମୋଦର ରାଉଳ, ସୁମନ୍ତ କୁମାର୍ ଦାସ, ସାଧାରଣ ସମ୍ପାଦକ ଭାବେ ସୁମନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଭାବେ ପ୍ରସନ୍ନ କୁମାର ସାହୁ, ଅଜୟ କୁମାର ଜେନା,ଗୋଲେଖ ଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ସୁଧିର ଚନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବିଭାସ ରଞ୍ଜନ ସେଠୀ, ନିରୋଦ ବିଶ୍ୱାଳ, ନୀଳମଣି ସେଠୀ, ଅଭୟ କୁମାର ସୂତାର, ବିପିନ ବିହାରୀ ପରିଡା, ରଞ୍ଜନ କୁମାର ଭୂୟାଁ ଓ ଦଶ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ମାନଙ୍କୁ ଉକ୍ତ କମିଟିର ନିମନ୍ତ୍ରିତ ସ୍ଥାୟୀ ସଭ୍ୟ ଭାବରେ ଗ୍ରହଣ କରାଯାଇଛି। ଉପଦେଷ୍ଟା କମିଟି ସଦସ୍ୟ ଭାବେ ପ୍ରତାପ କୁମାର ଜେନା, ଅଶୋକ କୁମାର ରାଉତ, ଅଭୟ କୁମାର ସାହୁ, ପୀତାମ୍ବର ଦାସ, ନକୁଳ ଚନ୍ଦ୍ର ପରିଡା, ମହେଶ୍ୱର ପ୍ରଧାନ, ପ୍ରଦୋଷ କୁମାର ରାଉତଙ୍କୁ ମନୋନୀତ କରାଯାଇଛି।

# ଜିଲ୍ଲାପାଳଙ୍କ କଟକଣା ସତ୍ତ୍ୱେ ଚାଲିଛି ଫୁଟବଲ ଖେଳ

କେନ୍ଦ୍ରାପଡ଼ା,୨୧।୨(ସମିସ): ୨୦୨୫ ମସିହା ବାର୍ଷିକ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥୀ ଓ ଅଭିଭାବକ ମାନଙ୍କ ବର୍ଷଯାକର ଉଦ୍ୟମ ପରୀକ୍ଷା ଉପରେ ନିର୍ଭର କରୁଛି। ପରୀକ୍ଷାର୍ଥୀ ମାନଙ୍କ ଏକାଗ୍ରତା ଭଙ୍ଗ ନକରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ହାଇସ୍କୁଲ ଖେଳପଡିଆ ମାନଙ୍କରେ କଟକଣା ଜାରି କରାଯାଇଛି। ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଚିଠି ନଂ ୧୫୦୮ ତା-୧୫.୦୨.୨୦୨୫ ରେ ସମସ୍ତ ପ୍ରଧାନ ଶିକ୍ଷକ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସେମାନଙ୍କ ଅଧୀନରେ ଥିବା ସ୍କୁଲଖେଳ ପଡିଆକୁ କୌଣସି ଖେଳ ପରିଚାଳନା ବା ସାଂସ୍କୃତିକ କାର୍ଯ୍ୟକ୍ରମ ବା ମନୋରଂଜନ କାର୍ଯ୍ୟକ୍ରମ ପାଇଁ ଚଳିତ ମାସ ୧୮ ତାରିଖରୁ ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ଦିଆଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଖୁବ ନିକଟରେ ଥିବା କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳ ପଡିଆରେ ୨୦ ତାରିଖରୁ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରାଯାଇ ଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କିଭଳି ଶିକ୍ଷା ଅଧିକାରୀ ଅମାନ୍ୟ କରି ଖେଳ ପରିଚାଳନା କରିବା ପାଇଁ କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆକୁ ଅନୁମତି ଦେଲେ ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ରାଜନଗର ,୨୧।୨(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦାଶ , ତାରିଣୀ ପ୍ରିୟଦର୍ଶିନୀ, ନିରାକାର ସେଠୀ, ପ୍ରଳୟ କୁମାର ମଲ୍ଲିକ, ଉର୍ମିଳା ପରିଡ଼ା, ପଦ୍ମଲୋଚନ ସ୍ୱାଇଁ, ରାଜେଶ କୁମାର ପ୍ରଧାନ ଓ ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ମାତୃଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମଦନପୁର ମହାବୀର ହାଇସ୍କୁଲର ପୁରାତନ ଛାତ୍ର ସମାବେଶ

ପଟ୍ଟାମୁଣ୍ଡାଇ,୨୧।୨(ସମିସ): ମଦନପୁର ମହାବୀର ହାଇସ୍କୁଲ ୧୯୭୭ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ମଦ୍ନପୁର ହାଇସ୍କୁଲ ପରିସରରେ ପ୍ରାକ୍ତନ ଛାତ୍ର ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ପରିଡାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହା ମହାପୁରୁଷ ମାନଙ୍କ ମୂର୍ତ୍ତିରେ ମାର୍ଲ୍ୟାପଣ କରାଯିବାପରେ ଦିବଙ୍ଗତ ଶିକ୍ଷକ ତଥା ସହପାଠୀମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ପ୍ରାକ୍ତନ ଶିକ୍ଷକମାନଙ୍କର ନାରାୟଣ ଚନ୍ଦ୍ର ସୂତାର, ଶଶଧର ସ୍ୱାଇଁ, କପିଳେନ୍ଦ୍ର ନାଥ, ଗଗନ ବିହାରୀ ପଣ୍ଡା, ଶିବପ୍ରସାଦ ବେହେରା, ଶିବ ପ୍ରସାଦ ନାଥ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବକୁ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କର ଆଗାମୀ ଜୀବନର ସୁଖ, ଶାନ୍ତି ପାଇଁ କାମନା କରିଥିଲେ । ସଭାର ପ୍ରାରମ୍ଭ ଓ ଶେଷରେ ଛାତ୍ର ବୈକୁଣ୍ଠ ଚରଣ



ସ୍ୱାଇଁ ସଙ୍ଗୀତ ପରିବେଷଣ କରି ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ। ସଭାରେ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଅଙ୍ଗବସ୍ତ୍ର ଓ ଅନ୍ୟାନ୍ୟ ଉପହାର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ, ଶତ୍ରୁଘନ ସିଂହ, ଅଭୟ କୁମାର ବେହେରା, ମଳୟ କୁମାର ମହାରଣା, ରାଜ କିଶୋର ବାରିକ୍, ଧରଣୀଧର ସାହୁ, ତ୍ରିଲୋଚନ ରାଉତ, ସରୋଜିନୀ ରାଉତରାୟ, ଅମୀୟବାଳା ନାୟକ, ପ୍ରଭୃତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନନ୍ତ ଚରଣ ପାତ୍ର, ରଞ୍ଜିତ ମହାନ୍ତି, ଅକ୍ଷୟ ସ୍ୱାଇଁ, କାଳନ୍ଦୀ ପ୍ରଧାନ, ସରୋଜ ମହାନ୍ତି, ଅକ୍ଷୟ ରାଉତ, ଜୟାନିଧି ସାହୁ, ଅଭିମନ୍ୟୁ ରାଉତ, ମୁକ୍ତିକାନ୍ତ ମହାନ୍ତି, ଅନିରୁଦ୍ଧବେହେରା, ପ୍ରଦୀପ ସାହୁ, ରବୀନ୍ଦ୍ର ଖଣ୍ଡୁଆଳ, ଧ୍ରୁବ ଚରଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ପାଣିରେ ବୁଡ଼ି ବୃଦ୍ଧ ମୃତ

ରାଜନଗର ,୨୧।୨ (ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ବନବିହାରିପୁର ଗ୍ରାମର ୮୩ ବର୍ଷୀୟ ବୃଦ୍ଧ ନକୁଳ ଲେଙ୍କା ପୋଖରୀରେ ବୁଡି ଯିବାରୁ ତାଙ୍କର ମୃତୁ ଘଟିଛି। ଆଜି ସକାଳ ୯ଟା ସମୟରେ ଶୌଚ ହେବା ପାଇଁ ବାଡ଼ିରେ ଥିବା ପୋଖରୀକୁ ସେ ଯାଇଥିଲେ। ଅସାବଧାନତା କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ନକୁଳ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ନକୁଳ ଭାସୁ ଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ରାଜନଗର ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରିଥିଲା। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପାଇଁ ଆଳିକୁ ପଠାଯିବ ବୋଲି ଜଣାପଡ଼ିଛି।

# ଠାକୁର ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମିଳନୀ

ରାଜନଗର,୨୧।୨(ସମିସ): ରାଜନଗର ବ୍ଲକ ମହୁଲିଆଠାରେ ଚଳିତ ବର୍ଷ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମିଲୀନ ଓ ଭକ୍ତ ମିଳନ ଉପରେ ପ୍ରଥମ ଧର୍ମ ସଭାରେ ଶାନ୍ତି ଧାମର ବାବାଜୀ ଶ୍ରୀ ସଦାନନ୍ଦ ଦାସ ମହାରାଜଙ୍କ ପୌରହିତରେ ବାବାଜୀ ଶ୍ରୀ ତ୍ରିଲୋଚନଦାସ ମହାରାଜ, ବାବାଜୀ ଶ୍ରୀ ନନ୍ଦବିହାରୀ ଦାସ ମହାରାଜ ଯୋଗଦେଇ କଳିକାଳରେ ବିଭିନ୍ନ ସମୟରେ ଘଟୁଥିବା ଘଟଣା ଗୁଡିକ ବିଷୟରେ ଠାକୁର ଅଭିରାମ ପରମହଂସ ଦେବ ଅମର କାହାଣୀକୁ ବାଖ୍ୟା କରିଥିଲେ। ପ୍ରାରମ୍ଭରେ



ଶ୍ରୀ ଶ୍ରୀ ଠାକୁରଙ୍କ ଷୋଡ଼ଶ ଉପଚାର ସହିତ ସନ୍ଧ୍ୟା ଆଳତୀ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଠାକୁର ଅଭିରାମଙ୍କ ଅନୁଗାମୀ ଯୋଗ ଦେଇଥିଲେ। ପରେ ଭଜନ ସମାରୋହ ଓ ରଘୁରାଜପୁରର ଗୋଟି ପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ରାଜନଗର ଆଇଆଇସି ନରେଶ କୁମାର ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# କୋର୍ଟ ପରିସରରୁ ମୋହରିରଙ୍କ ବାଇକ୍ ଚୋରି

ପଟ୍ଟାମୁଣ୍ଡାଇ,୨୧।୨ (ସମିସ): ପଟ୍ଟାମୁଣ୍ଡାଇ କୋର୍ଟରେ ମୋହରୀର ଭାବେ କାର୍ଯ୍ୟ କରୁଥିବା ସୁଶାନ୍ତ କୁମାର ଦାଶ ତାଙ୍କ ନାଲି ରଙ୍ଗ ହିରୋ ବାଇକ ନମ୍ବର ଓଡି ୨୯ସି ୨୮୪୦କୁ କୋର୍ଟ ପରିସରରେ ରଖିଥିଲେ। ତେବେ ଅପରାହ୍ଣ ୫ଟା ସମୟରେ କେହି ଏହି ଗାଡିକୁ ଚୋରାଇ ନେଇଛି। ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଚୋରିହୋଇଥିବା ସ୍ପଷ୍ଟ ହୋଇଛି। ଶ୍ରୀ ଦାଶ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

କେନ୍ଦ୍ରାପଡ଼ା,୨୧।୨(ସମିସ):

ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ କେନ୍ଦ୍ରାପଡା ପୌରପାଳିକା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସମ୍ମିଳନୀକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ ଉଦ୍ ଘାଟନ କରିଥିଲେ। ଗ୍ରାମ୍ୟସ୍ତରରେ କାର୍ଯ୍ୟରତ ଆଶା, ଗାଁ କଲ୍ୟାଣ ସମିତି ଓ ଆରୋଗ୍ୟ ସମିତିର କର୍ମକର୍ତ୍ତାମାନଙ୍କୁ ବର୍ଷକୁ ଥରେ ସେମାନଙ୍କର ଉଚ୍ଚକୋଟୀର କାର୍ଯ୍ୟଦକ୍ଷତା ପାଇଁ ପ୍ରୋତ୍ସାହନ କରିବା ସହିତ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ଉକ୍ତ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା । ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ଆଗେଇ ନେବାରେ ଆଗ୍ରହ ପ୍ରକାଶ କରିବା ସହିତ ସୁଦକ୍ଷତାର ପରିଚୟ ସୃଷ୍ଟି କରିବା ଏହି ସମ୍ମିଳନର ଉଦ୍ଦେଶ୍ୟ ।ଏହି ସମ୍ମିଳନୀରେ ୬ ଜଣ ଗ୍ରାମାଞ୍ଚଳର ଆଶାକର୍ମୀ ପୁରସ୍କୃତ ହୋଇଥିଲେ ।ଉଚ୍ଚମାନର କାର୍ଯ୍ୟଦକ୍ଷତା ପାଇଁ ପ୍ରତି ବ୍ଲକରୁ ଜଣେ ଲେଖାଏଁ ଗାଁ କଲ୍ୟାଣ ସମିତି




ସଭ୍ୟସଭ୍ୟା ଏବଂ ୨୮ ଜଣ ମହିଳା ଆରୋଗ୍ୟ ସମିତିର ସଭ୍ୟ ସଭ୍ୟାଙ୍କୁ ସମ୍ମାନିତ କରାଯାଇଥିଲା । ଏହାଛଡା କାୟାକଳ୍ପ ପୁରସ୍କାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଳି,ଡେରାବିଶ, ମହାକାଳପଡ଼ା, ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, ପାଟକୁରା ଓ ଇନ୍ଦୁପୁର ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶାନ୍ତ୍ୱନାମୂଳକ ଭାବେ ପୁରସ୍କୃତ ହୋଇଥିଲେ ।ଏତଦବ୍ୟତୀତ ରାଜ୍ୟସ୍ତରରେ ପରିବେଶ ଅନୁକୂଳ ଚିକିତ୍ସାଳୟ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ।ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରିଣୀ ଅଦ୍ୟାଶା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ, ଗୀତାଞ୍ଜଳି ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।ଏତଦବ୍ୟତୀତ ପ୍ରତ୍ୟେକ ବ୍ଲକରୁ ଚିକିତ୍ସା ଅଧିକାରୀ, ପିଏଚଇଓ, ବିପିଏମ୍, ବିଡିଏମ, ଗାଁ କଲ୍ୟାଣ ସମିତିର ସଭ୍ୟ ତଥା ମହିଳା ଓ ଆରୋଗ୍ୟ ସମିତିର ସଭ୍ୟ ସଭ୍ୟା, ଗଣମାଧ୍ୟମର ପ୍ରତିନିଧି ଆଦି ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଗୁଳିମାଡ଼ ଘଟଣାରେ ୫ ଗିରଫ

ଅନୁଗୋଳ, ୨୧।୨(ସମିସ)



ବନ୍ତଲା ଥାନା କହ୍ନେଇନଗର ଗାଁର ଦୁଇ ଯୁବକଙ୍କୁ ଅତର୍କିତ ଗୁଳିମାଡ଼ ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପିନୁ ଓରଫ ପଦ୍ମଲୋଚନ ଦେହୁରୀ (୧୯), ତଳଗଡ଼ ଗାଁର ଶଙ୍କର ଓରଫ ଓମ୍‌ପ୍ରକାଶ ସିଂ, ଛେଳିଆପଡ଼ାର ସୁମନ୍ତ ସାହୁ (୨୯), ତଳଗଡ଼ର ଶିବୁ ଓରଫ ବିଶ୍ୱଜିତ ଏବଂ ସହଯୋଗୀ ବୁବୁ ଓରଫ ଯୋଗେଶ୍ୱର ପ୍ରଧାନ। ଏମାନଙ୍କଠାରୁ ପୁଲିସ ଗୁଳିମାଡ଼ରେ ବ୍ୟବହୃତ ଦେଶୀ ପିସ୍ତଲ, ୧୩ଟି ଗୁଳି, ଗୋଟିଏ ଭୁଜାଲି, ସିବିଜେଡ ବାଇକ, ୟୁନିକର୍ଣ୍ଣ ବାଇକ, ବୁଲେଟ ବାଇକ, ୫ଟି ମୋବାଇଲ ଓ ଗୋଟିଏ ଏଟିଏମ କାର୍ଡ ଜବତ କରିଛି। ଏ ନେଇ ଅନୁଗୋଳ ଏସପି ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ କିଛିମାସ ହେବ ଅନୁଗୋଳ ଜିଲ୍ଲାରେ ଅପରାଧିକ ସାମ୍ରାଜ୍ୟ ବୃଦ୍ଧି ପାଇଛି। ବିଭିନ୍ନ ଅପରାଧରେ ବିପୁଳ ଚୋରା ବନ୍ଧୁକ ବ୍ୟବହାର ହେଉଛି। ଏଭଳି ଅସ୍ତ୍ର ସବୁ କେଉଁଠୁ ଆସୁଛି ଏବଂ କିଭଳି ଏହାକୁ ରୋକା ଯାଇପାରିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ସର୍ବଦା ଚେଷ୍ଟା କରୁଛି ବୋଲି ଏସପି ଜୈନ କହିଥିଲେ।

- ଜେଲରେ ଥାଇ ଅପରାଧିକ କାର୍ଯ୍ୟ ନିୟନ୍ତ୍ରଣ କରୁଥିଲା ରାଜୁ
- ସୁପାରୀ କିଲର ସହିତ ୩ ଲକ୍ଷ ଟଙ୍କାର ଡିଲ୍ କରିଥିଲା



ସୂଚନାଯୋଗ୍ୟ କହ୍ନେଇନଗରର ଅଟୋଚଳକ ଅରୁଣ ନାଏକଙ୍କ ଅଟୋରିକ୍ସାରେ କହ୍ନେଇନଗରର ଅନୀଲ ଓରଫ ବିଷ୍ଣୁଚରଣ ନାଏକ (୪୫) ଏବଂ ଶିବରାମ ନାଏକ (୨୫) ଅନୁଗୋଳରୁ ନିଜ ଘରକୁ ବଡ଼କେରା ଦେଇ ଯାଉଥିବା ବେଳେ ଧୋକୁଟା ବନଦୁର୍ଗା ମନ୍ଦିର ନିକଟରେ ୫ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ଅନୀଲ ଏବଂ ଶିବରାମଙ୍କ ଉପରକୁ ଏକ ପିସ୍ତଲରୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏଥିରେ ଅନୀଲ ଓ ଶିବରାମ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏବେ ଦୁହେଁ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନୁଗୋଳ ଏସଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ଥାନା ଆଇଆଇସି ଏବଂ ବନ୍ତଲା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁସାରେ ଆହତ ଅନୀଲ କୌଣସି କାରଣକୁ ନେଇ କହ୍ନେଇନଗର ଗାଁର ରାଜୁ ଓରଫ ରାଜକିଶୋର ସାହୁଠାରୁ ୩ବର୍ଷ ପୂର୍ବେ ସମ୍ପର୍କ ଛିନ୍ନ କରିଛନ୍ତି। ରାଜୁ ଜଣେ ପେସାଗତ ଅପରାଧୀ ଭାବେ ଜଣାଶୁଣା। ରାଜୁ ନାମରେ ବନ୍ତଲା, ଅନୁଗୋଳ ଥାନାରେ ୮ଟି ଅପରାଧିକ ମାମଲା ରହିଛି। ରାଜୁର ଅପରାଧିକ ସାମ୍ରାଜ୍ୟକୁ ଅନୀଲ ପର୍ଦ୍ଦାଫାଶ କରିଦେବା ଭୟରେ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲା। ଏପରିକି ୨୦୨୩ରେ ଅନୀଲଙ୍କୁ ଅପହରଣ କରିଥିଲା। ଏହି ମାମଲାରେ ରାଜୁ ଏବେ ଜେଲ୍ ଦଣ୍ଡ ଭୋଗୁଛି। ତଥାପି ରାଜୁ ମନରୁ ପ୍ରତିହିଂସାର ଜ୍ୱାଳା ଥମି ନାହିଁ। ଅନୀଲକୁ ଜୀବନରେ ମାରିଦେବାକୁ ରାଜୁ ସୁପାରୀ କିଲରଙ୍କୁ ୩ଲକ୍ଷ ଟଙ୍କାରେ ମୂଲଚାଲ କରିଥିଲା। ଏଥିପାଇଁ ୩୦ ହଜାର ଟଙ୍କା ଅଗ୍ରୀମ ଦେଇଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ; ୧୩ ଗିରଫ

ପରଜଙ୍ଗ, ୨୧।୨(ସମିସ): ପରଜଙ୍ଗ ଥାନାର ସାଆନ୍ଦା ଫାଣ୍ଡି ରୋଡ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ବ୍ରାହ୍ମଣୀ ନଦୀ ପଠାରେ ଏକ ଗ୍ୟାଙ୍ଗ ବଡ଼ ଧରଣର ଡକାୟତି ନିମନ୍ତେ ଯୋଜନା କରୁଥିବା ବେଳେ ପରଜଙ୍ଗ ଓ କାମାକ୍ଷାନଗର ଥାନା ପୁଲିସ ଅତର୍କିତ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ କଟୁରି, କାତି, ୫ ବୋମା, କାର୍ ଓ ୪ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ

- କଟୁରି, କାତି, ୫ ବୋମା, କାର୍ ଓ ୪ ବାଇକ୍ ଜବତ

ହେଲେ ମୋଟଙ୍ଗା ଥାନା ସାନ୍ତରାକାଟେଣୀ ଗ୍ରାମର ଆଲୋକ ନାଏକ(୨୧), ନିଶା ଥାନା ରାଇଝରଣର ଚନ୍ଦନ ଗୋଛାୟତ (୨୪), ଆଲୋକ ଗୋଛାୟତ (୨୫), ବାଲିମୀ ଥାନା ଝାରବେଡ଼ାର ବିନୟ ନାଏକ (୨୮), କନ୍ତାମିଲିର ଦୀପକ ସେଠୀ (୨୫), ତାଳଚେର ଥାନା ଷଣ୍ଢଗାଁର ସନ୍ଦିପ ନାଏକ (୨୬), କଲିୟରୀ ଥାନା ଥର୍ମାଲ ଅଞ୍ଚଳର ପପୁ ନାଏକ (୨୫), ଗୋପାଳପ୍ରସାଦ ଥାନା ହିଲୋଇ ଗ୍ରାମର ଶ୍ରୀତମ ବେହେରା (୨୪), ବଁଅରପାଳ ଥାନା ଝାରଗାଡ଼ିଆର ବିଶ୍ୱଜିତ ନାଏକ (୨୨), ବୀରବାହାନପୁରର ଝାମେଲା ନାଏକ (୧୮), ଅକ୍ଷୟ କୁମାର ନାଏକ (୩୨), ତଳସାହାର ଜଳଧର ନାଏକ (୨୪), ନାଲକୋ ଥାନା ଗିରାଙ୍ଗ ଗ୍ରାମର ଦିଲୀପ କୁମାର ନାଏକ (୨୫)। ତେବେ ଗ୍ୟାଙ୍ଗର ମୁଖ୍ୟ ପରଜଙ୍ଗ ଥାନା ବାରିହାପୁରର ବାଘ ଓରଫ୍ ସୌଭାଗ୍ୟ ନାଏକ (୨୮), କାମାକ୍ଷାନଗର ଥାନା କାର୍ମଦା ଗ୍ରାମର ଶ୍ରବଣ ନାଏକ (୨୮) ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିବା ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

ବିଶେଷ ସୂତ୍ରରୁ ଖବର ପାଇ କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା, ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ, ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ଧଳ, ଏସଆଇ ରଞ୍ଜିତ କୁମାର ପ୍ରଧାନ, ମୋହନ ପାତ୍ର, ଏଏସଆଇ ଯୁଗଳ ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ପାତ୍ରଙ୍କ ସମେତ ପୁଲିସ କର୍ମଚାରୀ ମିଳିତ ଭାବେ କୁନ୍ଦନଦେଇପୁର ଗ୍ରାମ ବ୍ରାହ୍ମଣୀ ନଦୀ ପଠାର ଏକ ନିଛାଟିଆ ସ୍ଥାନରେ ଚଢ଼ଉ କରିଥିଲେ। ଫେରାର ହୋଇଥିବା ଦୁଇ ଡକାୟତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ପରଜଙ୍ଗ ଥାନା ଅଧିକାରୀ ଦାଶ କହିଛନ୍ତି।



## ଝରକା ଗ୍ରୀଲ ତାଡ଼ି ଚୋରି

ବଁଅରପାଳ, ୨୧।୨(ସମିସ): ବଁଅରପାଳ ଥାନା ନୂଆହତା ବୈଦସାହିରେ ରାମକୃଷ୍ଣ ଧିରଙ୍କ ଘରୁ ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର ଝରକା ଗ୍ରୀଲ ତାଡ଼ି ଆଲମିରା ଭାଙ୍ଗି ସେଥିରୁ ସୁନାହାର, କାନଫୁଲ, ହୀରାର ଏକହଳ କାନଫୁଲ, ହଳେ ରୁପା ପାଉଁଜି ଓ କିଛି ଟଙ୍କା ଲୁଟି ନେଇଛନ୍ତି। ଶୁକ୍ରବାର ରାମକୃଷ୍ଣ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ତଦନ୍ତ କରି ଫେରିଛି। ସୂଚନା ମୁତାବକ ରାମକୃଷ୍ଣ ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘର ପଛ ପାଖ ଝରକା ଭାଙ୍ଗି ଚୋରି କରିଛନ୍ତି। ଶୁକ୍ରବାର ସକାଳେ ରାମକୃଷ୍ଣଙ୍କ ବଡ଼ଭାଇ ଝରକା ଭଙ୍ଗାଯାଇଥିବା ଦେଖି ରାମକୃଷ୍ଣଙ୍କ ଖବର ଦେଇଥିଲେ। ରାମକୃଷ୍ଣ ଭୁବନେଶ୍ୱରରୁ ଆସି ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଦୁଷ୍କର୍ମ

■ ଜଣେ ଗିରଫ

ଛେଣ୍ଡିପଦା, ୨୧।୨(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘ ୪ବର୍ଷ ହେବ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବାଗଡ଼ିଆ ଥାନା ଅଞ୍ଚଳର ହେମନ୍ତ ନାଏକ। ହେମନ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୪ବର୍ଷ ହେବ ଦୁଷ୍କର୍ମ କରିଆସୁଥିଲେ। ନାବାଳିକା ଜଣଙ୍କ ବିବାହ ପାଇଁ କହିବାରୁ ହେମନ୍ତ ମନା କରିଦେଇଥିଲେ। ଫଳରେ ନାବାଳିକା ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ମାମଲା ରୁଜୁ କରିବା ସହିତ ହେମନ୍ତଙ୍କୁ ଗିରଫ କରିଛି। ଗିରଫ ପରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେମନ୍ତଙ୍କ ଡାକ୍ତରୀମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାଲ୍ୟାମ୍ବା ଉପରସାହି ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ, ୨୧।୨(ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ବାଲ୍ୟାମ୍ବା ଉପରସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଅଖିଳ କୁମାର ଲେଙ୍କା, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ନୃସିଂହ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଜୟକୃଷ୍ଣ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେଇ, ସମାଜସେବୀ ଅଖିଳ କୁମାର ରାଉତ, ରଞ୍ଜନ କୁମାର ରାଉତ, ୱାର୍ଡମେମ୍ବର ଜ୍ଞାନରଞ୍ଜନ ପଣ୍ଡା ଓ ପ୍ରାକ୍ତନ ସିଆର୍‌ସିସି ବଂଶୀଧର ଦାଶ ପ୍ରମୁଖ ଯୋଗଦେଇଥିଲେ। ନିଷ୍ଠାପର ଉଦ୍ୟମ ସଫଳତା ହାସଲର ମାଧ୍ୟମ ବୋଲି ଅତିଥିମାନେ ମତପୋଷଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ସମାପ୍ତି ସୂଚକ ଆକଳନ-୧ ରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ବୃତ୍ତି ପାଇଥିବା ଓ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

# ରାସ୍ତାରେ ମୋରମ କାର୍ଯ୍ୟକୁ ନେଇ ଉତ୍ତେଜନା



ଛେଣ୍ଡିପଦା, ୨୧।୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତେନ୍ତୁଲୋଇ କୋଡ଼ାସାହି ପଞ୍ଚାୟତ ହାଣ୍ଡିଗୋଡ଼ା ଚାରିବାଟି ଛକରୁ ଜମ୍ମୁନାଳୀ ଗାଁକୁ ଯାଇଥିବା ରାସ୍ତାକୁ ରାତିଅଧରେ କାମ କରାଯାଉଥିବା ନେଇ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଚାରବାଟି ଛକରୁ ଜମ୍ମୁନାଳି ମାଟି ରାସ୍ତାକୁ ଜମ୍ମୁନାଳି ଗାଁର କିଛି ଯୁବକ ରାତିରେ ଜେସିବି ଟ୍ରାକ୍ଟର ଲଗାଇ ମୋରମ ମାଟି ପକାଉଥିଲେ। ଏ ନେଇ ହାଣ୍ଡିଗୋଡ଼ା ଗ୍ରାମର କିଛି ଯୁବକ ତେନ୍ତୁଲୋଇ କୋଡ଼ାସାହି ସରପଞ୍ଚ ପ୍ରିୟଙ୍କା ସାହୁଙ୍କୁ ପଚାରିଥିଲେ। ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନ ଥିବା କହିବା ସହ ସରପଞ୍ଚ ରାତିଅଧରେ ରାସ୍ତା କାର୍ଯ୍ୟ ଚାଲିଥିବା ସ୍ଥାନରେ ହାଣ୍ଡିଗୋଡ଼ା ଗ୍ରାମର କିଛି ଲୋକଙ୍କୁ ନେଇ ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ସରପଞ୍ଚଙ୍କ ଅଜାଣତରେ କିପରି କେଉଁ ଯୋଜନାରୁ ମୋରମ କାମ ବିନା ଫଳକରେ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ କାମ କରୁଥିବା ଯୁବ ଗୋଷ୍ଠୀ ଓ ସରପଞ୍ଚଙ୍କ ସମର୍ଥକଙ୍କ ମଧ୍ୟରେ ବାଚସା ହେବା ସହ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ରାସ୍ତା କାର୍ଯ୍ୟ ବନ୍ଦ ଥିବା ବେଳେ ଯୁବଗୋଷ୍ଠୀ ନିଜ ବ୍ୟକ୍ତିଗତ ଅର୍ଥରେ କାମ କରୁଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି କାମ କମ୍ପାନୀ ଟଙ୍କାରେ କରାଯାଉଥିବା ସରପଞ୍ଚଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ତେବେ ପ୍ରକୃତରେ ରାସ୍ତା କାମ କେଉଁ ଯୋଜନା ଅର୍ଥରେ କରାଯାଉଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ରାସ୍ତା କାମର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଏ ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ସରପଞ୍ଚ ପ୍ରିୟଙ୍କା ସାହୁ କହିଛନ୍ତି। ସେହିପରି ଜମ୍ମୁନାଳି ଗ୍ରାମର ମନମୋହନ ମାଝୀ କହିଛନ୍ତି ଯେ ଉକ୍ତ ରାସ୍ତା ଖାଲଖମା ହୋଇ ରହିଥିଲା। ଏ ନେଇ ସରପଞ୍ଚଙ୍କୁ ବାରମ୍ବାର କହିବା ସତ୍ତ୍ୱେ କାମ ହୋଇ ନ ଥିଲା। ତେଣୁ ବ୍ୟକ୍ତିଗତ ଉଦ୍ୟମରେ କାମ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ତେବେ ଏହି ଉତ୍ତେଜନାକୁ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୁଲିସ କହିଛି।

## କଣିହାଁ ଖଣି ପକ୍ଷରୁ ମାଗଣା ରକ୍ତ ପରୀକ୍ଷା ଶିବିର

କଣିହାଁ, ୨୧।୨(ସମିସ): କଣିହାଁ କ୍ଷେତ୍ର କୋଇଲା ଖଣି ୱାସ୍(ଡବ୍ଲ୍ୟୁଆଇପିଏସ୍) ଆନୁକୂଲ୍ୟରେ ଏକ ମାଗଣା ରକ୍ତ ପରୀକ୍ଷା ଶିବିର ସ୍ଥାନୀୟ ଡିସ୍‌ପେନସରୀରେ ଗୁରୁବାର ଅନୁଷ୍ଠିତ ହୋଇଛି। କଣିହାଁ କ୍ଷେତ୍ର ଭାରପ୍ରାପ୍ତ ମହାପ୍ରବନ୍ଧକ ଦୀନେଶ କୁମାର ମାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଞ୍ଜୀବନୀ ମହିଳା ସଂଗଠନ ମହିଳା ମଣ୍ଡଳ ସଦସ୍ୟା ଓ କଣିହାଁ କ୍ଷେତ୍ର ୱାସ୍ (ଡବ୍ଲ୍ୟୁଆଇପିଏସ୍) କମିଟି ଅଧକ୍ଷ୍ୟ ଓ ସଦସ୍ୟମାନେ ସାମିଲ ହୋଇଥିଲେ। ୭୭ ମହିଳା କର୍ମଚାରୀଙ୍କ ଥାଏରଏଡ୍, ଆନେମିଆ ପରୀକ୍ଷା କରାଯାଇଥିଲା। ଟିବି ପରୀକ୍ଷା ନିମନ୍ତେ ୬ଜଣଙ୍କ କଫ ନମୁନା ସଂଗ୍ରହ କରାଯାଇ ତାଳଚେର ଏନଏସ୍‌ସିଏଚ ମେଡିକାଲ ପଠାଯାଇଛି। କଣିହାଁ କ୍ଷେତ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁରେଶ କୁମାର ସାହୁ, ତାଳଚେର ଏନଏସ୍‌ସିଏଚ ଲ୍ୟାବ୍ ଟେକ୍ନିସିଆନ ଲକ୍ଷ୍ମୀନାରାୟଣ ବେହେରା, ଉତ୍ତମ ବାରିକ, ବବିତା ବେହେରା ପ୍ରମୁଖ ରକ୍ତ ପରୀକ୍ଷା କରିଥିଲେ। କଣିହାଁ କ୍ଷେତ୍ର ବରିଷ୍ଠ ଫାର୍ମାସିଷ୍ଟ ଜିତେଶ୍ କୁମାର ଧର, ମାଟ୍ରିନ ଶେଖ୍ ଖଲ୍ଲିଲ ଉଲ୍ଲା ସହଯୋଗ କରିଥିଲେ।




● ନାବାଳିକାକୁ ଅସଦାଚରଣ ପରେ ଦୁଷ୍କର୍ମ ଘଟଣା

## ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଢେଙ୍କାନାଳ, ୨୧।୨(ସମିସ): ୨୦୧୯ରେ ସଂଘଟିତ ନାବାଳିକା ଅସଦାଚରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଢେଙ୍କାନାଳ ଜିଲ୍ଲା ପୋକ୍ସୋ ଅଦାଲତ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ କାମାକ୍ଷାନଗର ଅଞ୍ଚଳର ସଞ୍ଜୟ ଦେହୁରୀ (୨୮)।

୨୦୧୯ ଜୁନ ୨୨ରେ ସଞ୍ଜୟ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା ଘରେ ଏକାକୀ ଥିବାର ସୁଯୋଗ ନେଇ ସଞ୍ଜୟ ତାଙ୍କ ଘରେ ପଶି ଅସଦାଚରଣ ସହ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମାଆ କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ୨୦ଜଣ ସାକ୍ଷୀଙ୍କ ବୟାନ ଓ ୨୪ ଦସ୍ତାବିତ ଆଧାରରେ ମାମଲାର ବିଚାର କରି ଜିଲ୍ଲା ପୋକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ସୁଶୀଳ କୁମାର ସାହୁ ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନିରଞ୍ଜନ ସାହୁ ଏହି ମାମଲା ପରିଚାଳନା କରୁଥିଲେ।

## ରାସାୟନିକ ଦୁର୍ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



ଢେଙ୍କାନାଳ, ୨୧।୨(ସମିସ): ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ରାସାୟନିକ ଦୁର୍ଘଟଣାର ସଫଳ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ଥିବା ସମସ୍ତ ଶିଳ୍ପାନୁଷ୍ଠାନରେ କର୍ମଚାରୀ ଓ ସଂଲଗ୍ନ ଅଞ୍ଚଳବାସୀଙ୍କ ଧନଜୀବନ ରକ୍ଷା ନିମନ୍ତେ ସମସ୍ତ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଛନ୍ତି। ରାସାୟନିକ ଦୁର୍ଘଟଣାକୁ ପ୍ରଶମିତ କରି ଧନଜୀବନ ରକ୍ଷା କୌଶଳ ପ୍ରଦର୍ଶନ ନିମନ୍ତେ ଆସନ୍ତା ୨୮ ତାରିଖ ଟାଟା ଷ୍ଟିଲ, ମେରାମୁଣ୍ଡଳୀରେ ଏକ ମକ୍‌ଡ୍ରିଲ ଆୟୋଜନ ହେବ। ସମସ୍ତ ଶିଳ୍ପାନୁଷ୍ଠାନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ, ଯୋଗାଣ ବିଭାଗ, ଆଞ୍ଚଳିକ ପରିବହନ, ଖାଦ୍ୟ ଯୋଗାଣ, ଫ୍ୟାକ୍ଟ୍ରି ଆଣ୍ଡ ବ୍ୟଏଲର, ଓଡ୍ରାଫ ଟିମ ଆଦିର ସହଯୋଗରେ ଏହି ମକ୍‌ଡ୍ରିଲ ଆୟୋଜନ କରାଯିବା ସମ୍ପର୍କରେ ଜିଲ୍ଲା ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଅବଗତ କରାଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲୀପ କୁମାର ଚାନ୍ଦ, ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢ଼ୀଙ୍କ ସମେତ ଜିଲ୍ଲାର ଶିଳ୍ପାନୁଷ୍ଠାନ କର୍ମକର୍ତ୍ତା, ଓଡ୍ରାଫର ସଦସ୍ୟ, ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

■ ରୁଙ୍ଗ୍‌ଟା ଷ୍ଟିଲ୍ କାରଖାନାରେ ବଡ଼ ଅଘଟଣ

## କନଭେୟର ବେଲ୍ଟରେ ଚାପିହୋଇ ୨ ଶ୍ରମିକ ଗୁରୁତର



ହିନ୍ଦୋଳ, ୨୧।୨(ସମିସ): ଢେଙ୍କାନାଳ ଜିଲ୍ଲା ଝାଡ଼ବନ୍ଧ ଗ୍ରାମ ନିକଟ ରୁଙ୍ଗଟା ଷ୍ଟିଲ କାରଖାନାରେ ଶୁକ୍ରବାର ବଡ଼ ଧରଣର ଅଘଟଣ ଘଟିଛି। କନଭେୟର ବେଲ୍ଟରେ ଚାପିହୋଇ ୨ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୁଙ୍ଗଟା ଷ୍ଟିଲ କାରଖାନା ପରିସରରେ କୋଇଲା ଅନ୍‌ଲୋଡିଂ କରୁଥିବା ବେଳେ ଓଡ଼ାପଡ଼ା ବ୍ଲକ ଗୋଡ଼ିଡିହ ଗ୍ରାମର ଡୁନା ସାହୁ ଅସାବଧାନତା ବଶତଃ କନଭେୟର ବେଲ୍ଟ ସଂସ୍ପର୍ଶରେ ଆସିଥିଲେ। ସେ ବେଲ୍ଟରେ ଚାପିହୋଇ ଯାଇଥିଲେ। ସେଠାରେ କାର୍ଯ୍ୟରତ ସାଥୀ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ବେଳେ ଜଣଙ୍କର ଆଙ୍ଗୁଳି ମଧ୍ୟ ବେଲ୍ଟରେ ଚାପିହୋଇ ସେ ଆହତ ହୋଇଛନ୍ତି। ତେବେ ଏହି ଦୁର୍ଘଟଣା କିପରି ଘଟିଲା ତାହା ଜଣାପଡ଼ି ନାହିଁ। ରୁଙ୍ଗଟା କାରଖାନା ପରିସରରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

# ଜମିହରା ପ୍ରଜାଙ୍କୁ ରୁଙ୍ଗଟା ମାଇନ୍ସର ପ୍ରତାରଣା

ଢେଙ୍କାନାଳ, ୨୧।୨(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ାସ୍ଥିତ ରୁଙ୍ଗ୍‌ଟା ମାଇନ୍ସର ମୁଖ୍ୟ ରାସ୍ତା ପାଇଁ ମେରାମଣ୍ଡଳୀ ପଞ୍ଚାୟତ କଲୋନୀ ସାହିର ଦଳିତ ପରିବାରଙ୍କ ଜମିକୁ ତଞ୍ଚକତା ପୂର୍ବକ ହାତକୁ ନେବା ଏବଂ ସେହି ପରିବାରଗୁଡ଼ିକୁ ପ୍ରତାରିତ କରୁଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ପାଇଁ ଓଡ଼ାପଡ଼ା ତହସିଲ ଅଫିସରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି।

● ସାମାଧାନ ପାଇଁ ବୈଠକ

ବୈଠକରେ କମ୍ପାନୀର ପ୍ରତିନିଧି ଏବଂ କ୍ଷତିଗ୍ରସ୍ତ ଜମିହରାଙ୍କ ତରଫରୁ ସରୋଜ ଶତପଥୀ, ସର୍ବଜ୍ଞ ସାହୁ, ବଦ୍ରିନାରାୟଣ ଦାଶ, ଦଳିତ ଶୋଷଣମୁକ୍ତି ମଞ୍ଚର ପ୍ରିୟରଞ୍ଜନ ନାୟକ ଓ ପଣ୍ଡିତ ନାୟକଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଦଳିତ ନାଗରିକମାନେ ଯୋଗଦେଇଥିଲେ। ଯେକୌଣସି ଶିଳ୍ପାୟନ ପାଇଁ ପ୍ରଚଳିତ ନିୟମ ଅନୁଯାୟୀ ସରକାର ଇଡ୍‌କୋ ମାଧ୍ୟମରେ ଜମି ଅଧିଗ୍ରହଣ କରିବେ କିମ୍ବା କମ୍ପାନୀ ପ୍ରତ୍ୟକ୍ଷ ଭାବେ ଲୋକଠାରୁ ଜମି ଅଧିଗ୍ରହଣ କରିବା ବ୍ୟବସ୍ଥା ରହିଛି। କିନ୍ତୁ ମଧ୍ୟସ୍ଥିଙ୍କ ମାଧ୍ୟମରେ ଶିଳ୍ପାୟନ ପାଇଁ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କାରଣ ମଧ୍ୟସ୍ଥିଙ୍କ ମାଧ୍ୟମରେ କମ୍ପାନୀ



ଜମିଅଧିଗ୍ରହଣ କଲେ କ୍ଷତିଗ୍ରସ୍ତ ଜମିହରାମାନଙ୍କୁ ଜୀବନଜୀବିକା ପାଇଁ ନିଯୁକ୍ତି କିମ୍ବା କ୍ଷତିପୂରଣ ସମେତ ପାରିପାର୍ଶିକ ବିକାଶ ପାଇଁ ଥିବା ବାଧ୍ୟବାଧକତାରୁ କମ୍ପାନୀ ଖସିଯାଇଥାନ୍ତି। ଠିକ୍ ଏହିଭଳି ଅଭିଯୋଗ ଉପରେ ଦୀର୍ଘଦିନ ଧରି ଜମିହରା ଦଳିତ ପରିବାର ଓ ରୁଙ୍ଗ୍‌ଟା ମାଇନ୍ସ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଶାନ୍ତିର ବାତାବରଣ ଲାଗି ରହିଛି। ଗ୍ରାମବାସୀଙ୍କ ତିନିଟି ପ୍ରମୁଖ ଦାବି ଯଥା- ଭୂତଳ ଜଳ କମ୍ପାନୀ ଶୋଷି ନେଉଥିବାରୁ ଦଳିତ ବସ୍ତିର ସରକାରୀ ଟ୍ୟୁବ୍‌ୱେଲ, କୂଅ ଓ ପୋଖରୀ ଇତ୍ୟାଦି ଶୁଖିଯାଉଛି। ତେଣୁ ଗ୍ରାମବାସୀଙ୍କୁ ସ୍ଥାୟୀ ଭାବେ ପାନୀୟ ଜଳ ଯୋଗାଇବା, ବେଆଇନ ଭାବେ କମ୍ପାନୀ ନଷ୍ଟ କରିଥିବା ପୋଖରୀର କ୍ଷତିପୂରଣ ଦେବା ଓ ଉନ୍ନତ ଚାଷଜମି ନେଇଯାଇଥିବାରୁ ଜୀବନଜୀବିକା ପାଇଁ ଜମିଦାତାଙ୍କ ପରିବାରରୁ ନିଯୁକ୍ତି ନଚେତ୍ କ୍ଷତିପୂରଣ ରାଶି ପ୍ରଦାନ କରିବା ଆଦି ରହିଛି। ସ୍ଥାୟୀ ଭାବେ ଜଳଯୋଗାଣ ପାଇଁ ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ୫ଲକ୍ଷ ଟଙ୍କା ବ୍ୟୟରେ ଯୋଜନା କରିଥିବା ଏବଂ ସେହି କାର୍ଯ୍ୟ ସମ୍ପାଦନ ପାଇଁ କ୍ଷତିଗ୍ରସ୍ତ ୬ଟି ପରିବାରଙ୍କ ମଧ୍ୟରୁ ଜଣଙ୍କୁ ଦାୟିତ୍ୱ ଦେବା ପାଇଁ ତହସିଲଦାରଙ୍କ ନିକଟରେ ସମ୍ମତି ଦେଇଥିଲେ। ପୋଖରୀର କ୍ଷତିପୂରଣ ବାବଦରେ ବିତର୍କ ହେବାରୁ ତହସିଲଦାରଙ୍କ ସରଜମିନ୍ ତଦନ୍ତ ପରେ ନିଷ୍ପତି ନିଆଯିବ ବୋଲି ତିନିପକ୍ଷମାନେ ସମ୍ମତି ପ୍ରଦାନ କରିଥିଲେ। କିନ୍ତୁ ନିଯୁକ୍ତି ନଚେତ୍ କ୍ଷତିପୂରଣ ରାଶି ସମ୍ପର୍କରେ ପରିବାର ପିଛା ମାତ୍ର ୫୦ହଜାର ଟଙ୍କା ଦେବା ପାଇଁ କମ୍ପାନୀର ପ୍ରସ୍ତାବକୁ ଜମିହରା ନାଗରିକମାନେ ଗ୍ରହଣ କରି ନଥିଲେ। ଫଳରେ ଏହି ବିଷୟରେ ଅଧିକ ଆଲୋଚନା ପାଇଁ ସ୍ଥିର ହେବା ପରେ ବୈଠକ ଶେଷ ହୋଇଥିଲା। ଦଳିତମାନଙ୍କ ଜମି ଖରିଦ୍ ବିକ୍ରିରେ ଥିବା ଆଇନଗତ କଟକଣାଗୁଡ଼ିକୁ ଏଡାଇ ଯିବା, ନିଯୁକ୍ତି ଓ କ୍ଷତିପୂରଣ ଦାବିକୁ ଫାଙ୍କିବା ଭଳି ବେଆଇନ କାର୍ଯ୍ୟ କରିଥିବା କମ୍ପାନୀର ନ୍ୟସ୍ତସ୍ୱାର୍ଥ ଅଫିସରମାନଙ୍କ ବିରୋଧରେ ପ୍ରଶାସନିକ ସ୍ତରରେ ତଦନ୍ତ କରି ଜନଗଣଙ୍କୁ ଶିଳ୍ପାୟନ ବିରୋଧୀ ମାନସିକତାରୁ ମୁକ୍ତ କଲେ ହିଁ ଜନସ୍ୱାର୍ଥରେ ଶିଳ୍ପାୟନ କରାଯାଇ ପାରିବ ବୋଲି କ୍ଷତିଗ୍ରସ୍ତ ଜମିହାରଙ୍କ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ



ରାଜକନିକା,୨୧।୨(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘରର ବୋହୂକୁ ଶାଶୁ ଓ ଯାଆ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏତଲା ମୁତାବକ ରାଜକନିକା ଥାନା ଡାଳିକାଏନ୍ଦା ଗାଁର ସୁଧୀର ରାଉତଙ୍କ ସ୍ତ୍ରୀ ଶୈଳବାଳା ରାଉତଙ୍କୁ ଆଜି ତାଙ୍କ ଶାଶୁ ସରୋଜିନୀ ରାଉତ ଓ ଯାଆ ମିନତୀ ରାଉତ ପିଲାକଳିକୁ କେନ୍ଦ୍ର କରି ନିସ୍ଠୁକ ମାଡ଼ ମାରିବା, ଆଗରୁ ଅଧିକ ଯୌତୁକ ନ ଆଣିବା କହି ଖରାପ ଭାଷାରେ ଗାଳି ଦେଇ ମାଡ଼ ମାରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିବା ଜଣାପଡିଛି । ସ୍ୱାମୀଙ୍କ ଅନୁପସ୍ଥିତିରେ ବାରମ୍ବାର ଶୈଳବାଳାଙ୍କୁ ଏମିତି ହଇରାଣ କରିବା, ଆଜିର ସାମାନ୍ୟ ଘଟଣାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାରୁ ସେ ନ୍ୟାୟ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏତଲା ପାଇ ପୁଲିସ ଅଧିକ ତଦନ୍ତ ଚଲାଇଥିବା ଜଣାପଡିଛି ।

# ଦେବୀ ନାଚୁରାଲ୍ସ ରାଇସ୍ ମିଲ୍ ଉଦ୍‌ଘାଟିତ



ନାଉଗାଁ ୨୧।୨ (ସମିସ): ନାଉଗାଁ ବ୍ଲକ୍ ଖଇରାବସ୍ତ ନିକଟରେ ନୂତନ ରାଇସ୍ ମିଲ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତାଙ୍କ ସହିତ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଅମିତା ସ୍ୱାଇଁ, ନୂଆଗାଁ ସରପଞ୍ଚ ଦୋଳ ଗୋବିନ୍ଦ ରାଉଳ, ଅଲଣା ସରପଞ୍ଚ ଚନ୍ଦ୍ରମଣି ବେହେରା ଓ ଅନ୍ୟ ଅତିଥି ଉପସ୍ଥିତ ରହିଥିବାର ଦେଖାଯାଇଛି। ତେବେ ଏହି ମିଲ୍ ୪ ଘଣ୍ଟା ମଧ୍ୟରେ ୧୨ ଟନ୍ ଚାଉଳ ଉତ୍ପାଦନ କରିବାର କ୍ଷମତା ରହିଥିବାର ସୂଚନା ମିଳିଛି। ଏହି ଉଦଘାଟନୀ ଉତ୍ସବରେ ନାଉଗାଁ ବ୍ଲକର ୧୬ଟି ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗ ଦେଇଥିବା ଦେଖାଯାଇଛି।

# ଅଣସଂଗଠିତ ଶ୍ରମିକ ସଚେତନତା ଶିବିର



ବାଲିକୁଦା, ୨୧।୨(ସମିସ): ବାଲିକୁଦା ବ୍ଲକ ବାଲିକୁଦା କାଠଗୋଲା ବଜାର ସ୍ଥିତ ତାରେଣୀ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଜଗତସିଂହପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ପକ୍ଷରୁ ଏକ ଅଣ ସଂଗଠିତ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରୁରାଲ୍ ଟେକ୍ନିକାଲ ଆଣ୍ଡ ପ୍ରଫେସନାଲ ଲେବର ସଂଗଠନର ବାଲିକୁଦା ଶାଖା ସାଧାରଣ ସମ୍ପାଦକ ଶିଶିର କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଶିବିରରେ ଅତିଥି ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସହକାରୀ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମା, ସଭାପତି ଶକୁନ୍ତଳା ମିଶ୍ର, ସମ୍ପାଦିକା ଜ୍ୟୋସ୍ନା ପରିଡା, ବିଷ୍ଣୁମୟୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଶିବିରର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୃତ୍ୟୁ ବରଣ କରିଥିବା ଦୁଇ ଜଣ ଅଣ ସଂଗଠିତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ୨ଲକ୍ଷ ଟଙ୍କା, ୩ ଜଣ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଏହି ଶିବିରକୁ ବାଲିକୁଦା ଜନସେବା କେନ୍ଦ୍ର ପରିଚାଳକ ଆଲୋକ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶତାଧିକ ଅଣ ସଂଗଠିତ ଶ୍ରମିକ ମାନେ ଉପସ୍ଥିତ ଥିଲେ।

# ୪ ଲିଟର ବିଦେଶୀମଦ ଜବତ

କୁଜଙ୍ଗ,୨୧।୨(ସମିସ): କୁଜଙ୍ଗ ଥାନା ପକ୍ଷରୁ ପାଟ୍ରୋଲିଂ ସମୟରେ ଜୟ ଶଙ୍ଖପୁର ଗ୍ରାମର ଜଣେ ବ୍ୟକ୍ତି ଘର ପଛ ପଟୁ ୨୩ ବୋତଲ ବିଦେଶୀମଦ ଜବତ ହୋଇଛି। ଏହି ମଦ ୪ ଲିଟରରୁ ଅଧିକ ହେବ। ଏହି ଘଟଣାରେ ଏସ୍‌ଆଇ ପ୍ରମୋଦ କୁମାର ରାୟ ଧନେଶ୍ୱର ବେହେରାଙ୍କ ପୁଅ ଅଭିରାମ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ପୁରୁଣା ଗୋବରୀ ପୋତାନଈ ଡ୍ରେନେଜ୍ କଟ୍

# ନବୀକରଣ ପାଇଁ ଡ୍ରେନେଜ୍ ବିଭାଗର ସର୍ଭେ ଶେଷ

ପଟ୍ଟାମୁଣ୍ଡାଇ,୨୧।୨(ସମିସ):

ସମ୍ପ୍ରତି ପୁରୁଣା ଗୋବରୀ ପୋତାନଈ ଡ୍ରେନେଜ୍ କଟ୍‌ର ନବୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ବୋଲି କହିଛି ଡ୍ରେନେଜ ବିଭାଗ। ଡ୍ରେନେଜ ବିଭାଗର କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଓ କଟକ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ସର୍ଭେ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି କି ପୁରୁଣା ଗୋବରୀ ପୋତାନଈ ଡ୍ରେନେଜ କଟ୍ ପ୍ରକଳ୍ପର ଲକ୍ଷ୍ୟ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଜଳ ନିଷ୍କାସନ ଦକ୍ଷତା ବୃଦ୍ଧି କରିବା ଓ ଜଳବନ୍ଦୀ ସମସ୍ୟା ହ୍ରାସ କରିବା। ଏହି ପ୍ରକଳ୍ପ ଆରଡି ୬.୫୦ କିମିରୁ ୧୪.୬୨ କିମି ପର୍ଯ୍ୟନ୍ତ ବ୍ୟାପିଛି ଓ ଗୋବାରୀ ଡ୍ରେନେଜ୍ ସିଷ୍ଟମରେ ପଡ଼ିଛି। ଏହି ପ୍ରକଳ୍ପକୁ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ୧୩୬ତମ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ଦ୍ୱାରା ଅନୁମୋଦନ କରାଯାଇଛି ଓ ଆବଶ୍ୟକୀୟ ସର୍ଭେ ସମାପ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଏହି ପ୍ରକଳ୍ପ ପାଇଁ ଆନୁମାନିକ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ବର୍ତ୍ତମାନ ଏହାର ବ୍ୟୟ ଅଟକଳ ୮୮୪.୩୯ ଲକ୍ଷ ଟଙ୍କା ଓ ଏହା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଅବସ୍ଥିତ। ଏହାର ମୋଟ ଲମ୍ବ ୧୪.୬୨ କିଲୋମିଟର। ପ୍ରକଳ୍ପର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଳ ନିଷ୍କାସନ ପ୍ରଣାଳୀରେ କାଦୁଅ ଓ ଭିଡ଼ ଦୂର କରିବା। ସ୍ଥାନୀୟ ଗ୍ରାମକୁ ପ୍ରଭାବିତ କରୁଥିବା ଜଳବନ୍ଦୀ ସମସ୍ୟା ହ୍ରାସ କରିବା, ଚାଷୀଙ୍କ ପାଇଁ ଜଳସେଚନ ସୁବିଧା ଉନ୍ନତ କରିବା ଓ ଡ୍ରେନ୍ ଜଳର ସୁଗମ ନିଷ୍କାସନକୁ ସହଜ କରିବା।

ଉକ୍ତ କାର୍ଯ୍ୟ ପରିସର ମଧ୍ୟରେ ମୁଖ୍ୟ ଡ୍ରେନ୍ର ୮.୧୨ କିଲୋମିଟରର ନବୀକରଣ, ଆରଡି ୬.୫୦ କିଲୋମିଟରରୁ ୧୨.୫୦ କିଲୋମିଟର ପର୍ଯ୍ୟନ୍ତ ଡ୍ରେଜିଂ, ଆରଡି ୧୨.୫୦ କିଲୋମିଟରରୁ ୧୪.୬୨ କିଲୋମିଟର ପର୍ଯ୍ୟନ୍ତ ଯାନ୍ତ୍ରିକ ଉପାୟରେ ଖନନ ଓ ଦୁଇଟି କୃଷି ଜମି ସେତୁ ନିର୍ମାଣ ଅନ୍ତର୍ଭୁକ୍ତ ବୋଲି ରିପୋର୍ଟରେ କୁହାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜଳ ନିଷ୍କାସନ ସମସ୍ୟାରୁ ୨୧୦ ହେକ୍ଟର ଜମି ଉଦ୍ଧାର ହେବ ଓ ଜଳ ନିଷ୍କାସନର ଉନ୍ନତି, କୃଷି କାର୍ଯ୍ୟକଳାପ ପାଇଁ ଜଳସେଚନ ବୃଦ୍ଧି ଦ୍ୱାରା ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାୟ ୨୫ ହଜାର ଲୋକଙ୍କୁ ଲାଭ ମିଳିବ ବୋଲି ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରକଳ୍ପ ପାଇଁ କୌଣସି ଜମି ଅଧିଗ୍ରହଣ ଆବଶ୍ୟକ ନାହିଁ। ୧୪।୧୨।୨୦୨୧ରେ ଅନୁଷ୍ଠିତ ୧୩୬ତମ ଟିଏସି ବୈଠକରେ ଏହି ପ୍ରସ୍ତାବକୁ ନୀତିଗତ ଭାବେ ଅନୁମୋଦନ କରାଯାଇଥିଲା। ସର୍ଭେ ଓ ତଦନ୍ତ କାର୍ଯ୍ୟ ସମାପ୍ତ ହୋଇଥିବା ଡ୍ରେନେଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କଠାରୁ ପ୍ରଶାସନିକ ଅନୁମୋଦନ ପାଇବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଜଳବନ୍ଦୀ ସମାଧାନ ଓ କୃଷି ଉତ୍ପାଦକତା ବୃଦ୍ଧି କରିବାରେ ନବୀକରଣ କାର୍ଯ୍ୟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରଶାସନିକ ଅନୁମୋଦନ ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବାକୁ ଏହି ରିପୋର୍ଟରେ ସୁପାରିଶ କରାଯାଇଛି। ପୋତା ଗୋବରୀ ନଈକୁ ଖନନ କରାଯାଇ ଚିରସ୍ରୋତାରେ ପରିଣତ କରାଯିବାକୁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ବାରମ୍ବାର ପ୍ରକାଶ ପାଇଛି। ପୋତା ଗୋବରୀ ନଈକୁ ଚିରସ୍ରୋତାରେ ପରିଣତ କରିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଜାଣିବାକୁ ଚାହିଁଥିବା ଉକ୍ରଳମଣି ଯୁବକ ସଂଘ ପ୍ରଶ୍ନର ଉତ୍ତରରେ ଡ୍ରେନେଜ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ଡ୍ରେନେଜ ବିଭାଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବାବେଳେ ଏହାର ଏକ ନକଲ ଆବେଦନକାରୀ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରାଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ତେବେ ପୋତା ଗୋବରୀ ନଈ ଚିରସ୍ରୋତାରେ ପରିଣତ ହେବାକୁ ଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

## ■ ଶାରଳା ରୋଡ୍ ୱାଇଏମ୍‌ସିସି ଚାମ୍ପିଅନ୍ ଟ୍ରଫି

# ଜଗତସିଂହପୁର ଆମ୍ବେଦକର ସ୍ପୋର୍ଟିଂ ଫାଇନାଲରେ

ତିର୍ତ୍ତୋଲ,୨୧।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶାରଳାରୋଡ ସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୱାଇଏମସିସି ଚାମ୍ପିଅନ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଜଗତସିଂହପୁର ଆମ୍ବେଦକର ସ୍ପୋର୍ଟିଂ ପାରାଦୀପ ଡାଇମଣ୍ଡକୁ ୬ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପାରାଦୀପ ଡାଇମଣ୍ଡ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ୍ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ଜଗତ୍‌ସିଂହପୁର ଆମ୍ବେଦକର ସ୍ପୋର୍ଟିଂ ୧୬.୪ ଓଭରରେ ୪ ୱିକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଟିମର ଅଧିନାୟକ ଅରୁଣ ମହାରଣା ଚିତ୍ତାକର୍ଷକ ବ୍ୟାଟିଂ କରି ୭ ଚୌକା ୫ ଛକା ସହ ୩୪ ବଲରେ ଅପରାଜିତା ୬୭ ରନ ସଂଗ୍ରହ କରିବା ସହ ବୋଲିଂରେ ୩୦ ରନ ଦେଇ ୩ଟି ୱିକେଟ ହାସଲ ଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ



ମୁଖ୍ୟ ଅତିଥି ସମାଜସେବୀ ଅନିଲ ମହାନ୍ତି ଯୋଗଦେଇ ଅରୁଣ ମହାରଣାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପ୍ରଦାନ କରିଥିଲେ। ଆମ୍ପାୟାର ଭାବେ ଅମରଜିତ୍ ପରିଜା ଓ ହାଡ଼ିବନ୍ଧୁ ଦାସ ଖେଳ ପରିଚାଳନା କରିଥିଲେ। ଶାରଳା ରୋଡ ୱାଏମସିସିର ପ୍ରଗତି ରଞ୍ଜନ ପରିଜା, ସଂଗ୍ରାମ ରାୟ, ଅଂଶୁମାନ, ରାହୁଲ, ସଞ୍ଜୀବ, ରୁଦ୍ରେଶ୍ୱର ପ୍ରୀତିରଞ୍ଜନ, ପ୍ରୀତମ ପ୍ରକାଶ, ବଳରାମ, ନୃସିଂହ, ଲକି, ପିଙ୍କୁ ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ। ଆସନ୍ତା ରବିବାର ଜଗତସିଂହପୁର ଆମ୍ବେଦକର ସ୍ପୋର୍ଟିଂ ଓ କଟକ ମା'ମଙ୍ଗଳା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଶୁଦ୍ଧିକ୍ରିୟାର ସ୍ଥାୟୀ ତୁଠ ପାଇଁ ଦାବି



ରାଜକନିକା ,୨୧।୨(ସମିସ): ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ଅଧୀନ ଇଚ୍ଛାପୁର,ସାତଘରିଆ ଓ ଛଦେଶ ଗ୍ରାମର ଅଧିକାଂଶ ପରିବାର ମୃତ୍ୟୁ ପରର ଶୌଚ ସହ ଶୁଦ୍ଧି କ୍ରିୟା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶ ଥାଉ କି ହିନ୍ଦୁ ରୀତିନୀତି ଅନୁଯାୟୀ କୌଣସି ବ୍ୟକ୍ତିର ମୃତ୍ୟୁ ପରର ଦଶ ଦିନର ଅନ୍ତେଷ୍ଟି କ୍ରିୟା ପାଇଁ ଆବଶ୍ୟକୀୟ ହୋଇଥାଏ ଏକ ସର୍ବସାଧାରଣ ତୁଠ । କାରଣ ଏହି କାମ ପାଇଁ କାହାର ବ୍ୟକ୍ତିଗତ ପୋଖରୀ କିମ୍ବା ଗ୍ରାମ ପୋଖରୀରେ ଗ୍ରାମବାସୀ ସାମୁହିକ ଭାବରେ ଏହା କରିବାକୁ ବାରଣ କରିଥାନ୍ତି। ତେଣୁ ଏଭଳି କାମ ପାଇଁ ଗାଁ ଠାରୁ ଦୂରରେ ଏକ ଜଳାଶୟର ଆବଶ୍ୟକତା ଥାଏ ।ଏହି ୩ଟି ଗାଁ ଲୋକଙ୍କ ଶୁଦ୍ଧିକ୍ରିୟା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଜଣାଇଥିଲେ ବି ସ୍ଥାୟୀ ତୁଠଟିଏ ହୋଇ ପାରୁନାହିଁ ।ସାତଘରିଆ ଗ୍ରାମ ପୋଖରୀର ଅନତି ଦୂରରେ ଥିବା ଜୋରରେ କାହିଁ କେଉଁ କାଳରୁ ଲୋକେ ଶୁଦ୍ଧି ତୁଠ କରି ଆସୁଥିବା ବେଳେ ଏବେ ସେହି ଜୋର ଏବଂ ସଂଲଗ୍ନ ଅଞ୍ଚଳ ଘଞ୍ଚ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ଅନ୍ୟ ଉପାୟ ନ ଥିବାରୁ ବାଧ୍ୟ ହୋଇ ଲୋକେ ଏହି ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ କାରବାର କରିବା ଦ୍ୱାରା ବହୁବାର ସର୍ପଘାତରେ ମଧ୍ୟ ପୀଡ଼ିତ ହେଉଛନ୍ତି ।ବଳରାମପୁର ଗ୍ରାମ ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମରେ ବିଭିନ୍ନ କାମ ପାଇଁ ଚିଠାରେ ଏହି କାମ ସକାଶେ ପ୍ରସ୍ତାବ ଗ୍ରହଣ କରିବାକୁ ବିଡ଼ିଓ ଏଥି ପ୍ରତି ଧ୍ୟାନ ଦେବା ସହ କ୍ଷେତ୍ର ପରିଦର୍ଶନ କରି ଯଥାଶୀଘ୍ର ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ବରିଷ୍ଠ ନାଗରିକ ଅଚିନ୍ତ୍ୟ ସାହୁ, ଅରୁଣ ବାରିକ ପ୍ରମୁଖ ଅନୁରୋଧ କରିଛନ୍ତି ।

# କିଶୋର ନ୍ୟାୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୨୧।୨ (ସମସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକର ତରଫରୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ-୨୦୧୫ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଏରସମା ବ୍ଲକ ଅନ୍ତର୍ଗତ ଓଲରା ସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଇନ ସହିତ ସଂଘର୍ଷରେ ଥିବା ପିଲାଙ୍କ ଯତ୍ନ ଏବଂ ସୁରକ୍ଷା ପାଇଁ କିଶୋର ନ୍ୟାୟ ଆଇନ, ୨୦୧୫ ପ୍ରଣୟନ କରାଯାଇଛି। କେବଳ ଦଣ୍ଡ ବଦଳରେ ପୁନର୍ବାସ ଏବଂ ପୁନଃମିଶ୍ରଣ ଉପରେ ଧ୍ୟାନ ଦେଇ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ୧୬ ରୁ ୧୮ ବର୍ଷ ବୟସ୍କ ନାବାଳକମାନଙ୍କ ଦ୍ୱାରା ହୋଇଥିବା କିଛି ଜଘନ୍ୟ ଅପରାଧର ବିଚାର ପାଇଁ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# କାଟଣା ବଣିଆ ପ୍ରିମିୟର ଲିଗ୍, ଶିବାଂଶୀ ଇଲେଭେନ ଚମ୍ପିଅନ

ରାଜକନିକା,୨୧।୨(ସମିସ): ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ସ୍ଥାନୀୟ ଉଦ୍ୟୋଗୀ ଓ କ୍ରୀଡ଼ାବିତଙ୍କ ଦ୍ୱାରା ବିବିଧ ଟିମ ଗଠନ କରି ଆଇପିଏଲ ଢାଞ୍ଚାରେ କ୍ରିକେଟ ପ୍ରିମିୟର ଲିଗ ବେଶ ଆଦୃତ୍ତି ହେଉଥିବା ବେଳେ କାଟଣା ବଣିଆ ପଞ୍ଚାୟତରେ କାଟଣାବଣିଆ ପ୍ରିମିୟର ଲିଗ ଉଦଯାପିତ ହେବା ସହ ଏଥିରେ ଶିବାଂଶୀ ଇଲେଭେନ ଷ୍ଟାର ଚମ୍ପିୟନ ହୋଇଛି । ଏହି ପ୍ରିମିୟର ଲିଗରେ ସଂଯୁକ୍ତା ୱାରୀୟର, ଆଦର୍ଶ ଇଲେଭେନ, ବାବା ସୁପରକିଙ୍ଗ, ସାଇ ଇଲେଭେନ ଷ୍ଟାର, ମହାବୀର ସୁପର କିଙ୍ଗ, ଶିବାଂଶୀ ଇଲେଭେନ ଷ୍ଟାର, ଗଲ୍ଲୀ ଗ୍ଲାଡିଏଟର, ଏସଏସହଣ୍ଟର ଭଳି ୮ ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲକୁ ସାଇ ଇଲେଭେନ ଷ୍ଟାର ଓ ଶିବାଂଶୀ ଇଲେଭେନ ଷ୍ଟାର ମଧ୍ୟରେ ଖେଳ ହୋଇଥିଲା । ଶିବାଂଶୀ ଇଲେଭେନ ଷ୍ଟାର ନିର୍ଦ୍ଧାରିତ ଓଭର ପୂର୍ବରୁ ମାତ୍ର ୮୩ ରନରେ ସାଇ ଇଲେଭେନକୁ ଅଲଆଉଟ କରିଦେଇଥିଲେ । ଜବାବରେ ଶିବାଂଶୀ ଇଲେଭେନ ୮୪ ରଣ କରି ଚମ୍ପିୟନ ହୋଇଛି। ଚମ୍ପିୟନ ଟିମର ମାଲିକ ମନୋଜ କୁମାର ରାଉତଙ୍କ ଟିମ ଶିବାଂଶୀ ଇଲେଭେନକୁ ନଗଦ ୩୫ ହଜାର ଟଙ୍କା ସହ ଟ୍ରଫି ଏବଂ ପରାଜିତ ଟିମ କୁ ୨୫ ହଜାର ଟଙ୍କା ସହ



ଟ୍ରଫି ପ୍ରଦାନ କରାଯାଇଛି । ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟର ଆଇକନ ଭାବରେ ଦିଲ୍ଲୀପ ରାଉତ ଓ ପ୍ରତାପ ରାଉଳ ଏବଂ ମ୍ୟାନ ଅଫ ଦ ମ୍ୟାଚ ଭାବରେ ଜିତେନ୍ଦ୍ର ରାଉତଙ୍କୁ ଟ୍ରଫି ପ୍ରଦାନ କରାଯାଇଛି । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କାଟଣାବଣିଆ ପଞ୍ଚାୟତର ସରପଞ୍ଚ ଶୁଭସ୍ମିତା ନାୟକ, ସମିତି ସଭ୍ୟା ଝିଲ୍ଲୀପ୍ରଦା ଜେନା, ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ରାଉତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କ୍ରୀଡାର ଏହି ପର୍ବକୁ ଉତ୍ସାହିତ କରିଥିଲେ ।

# ସଭାନେତ୍ରୀଙ୍କୁ ମାଡ଼ ଘଟଣାର ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ମହିଳା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

ରଘୁନାଥପୁର,୨୧।୨(ସମିସ):



ରଘୁନାଥପୁର ବିଏଲଏଫ (ବ୍ଲକ ମହିଳା ମହାସଂଘ)ର ସଭାନେତ୍ରୀଙ୍କ ଉପରେ ହୋଇଥିବା ରକ୍ତାକ୍ତ ଆକ୍ରମଣ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟପ୍ରଦାନ ଏବଂ ଦୀର୍ଘଦିନ ତଳୁ ଜନୈକା ମହିଳା ଜବରଦଖଲରେ ରଖିଥିବା ମହାସଂଘର ଏକ ବିକ୍ରୟ କେନ୍ଦ୍ରକୁ ଉନ୍ମୁକ୍ତ କରିବା ପାଇଁ ଶୁକ୍ରବାର ମହାସଂଘର କର୍ମକର୍ତ୍ତା ଓ ସଦସ୍ୟାମାନେ ଏକ ଖବରଦାତା ସମ୍ମିଳନୀ କରି ବ୍ଲକ ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ପୂର୍ବରୁ ସଂଘର ସଦସ୍ୟା ଥିବା ପ୍ରିୟଙ୍କା ମହାପାତ୍ର ମାହାସଂଘର ଏକ ବିକ୍ରୟ କେନ୍ଦ୍ରକୁ ଜବରଦସ୍ତ ନିଜ ଅକ୍ତିଆରରେ ରଖି ନିଜର ଉଦ୍ଦେଶ୍ୟ ସାଧିତ କରିଆସୁଥିଲେ। ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ତୁରନ୍ତ ଉକ୍ତ କେନ୍ଦ୍ରକୁ ଛାଡିବା ପାଇଁ କୁହାଯାଇଥିଲା। ଏଥିରେ ମହାପାତ୍ର କ୍ରୋଧାନ୍ୱିତ ହୋଇ ବିଭିନ୍ନ ସମୟରେ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟା ମାନଙ୍କୁ ଆକ୍ଷେପମୂଳକ ବ୍ୟବହାର ପ୍ରଦର୍ଶନ କରିଥିଲେ। ଗତ ୧୮ ତାରିଖରେ ବିଏଲଏଫର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟ ମଧ୍ୟାହ୍ନ ସମୟରେ ଆସୁଥିବାବେଳେ ପ୍ରିୟଙ୍କା ମହିଳା ସଭାନେତ୍ରୀ ଆଚାର୍ଯ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ରକ୍ତାକ୍ତ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସଭାନେତ୍ରୀ ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିଥିଲେ। ଏତଦବ୍ୟତୀତ ମହାସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ଜବରଦଖଲରେ ରଖିଥିବା ଉକ୍ତ ବିକ୍ରୟ କେନ୍ଦ୍ରକୁ ଉନ୍ମୁକ୍ତ କରିବା ପାଇଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଘଟଣାରେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସମ୍ପର୍କରେ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଉକ୍ତ ବିକ୍ରୟ କେନ୍ଦ୍ରକୁ ଉନ୍ମୁକ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ମହାସଂଘର ସମ୍ପାଦିକା ମୃଣ୍ମୟୀ ପଣ୍ଡା, କୋଷାଧ୍ୟକ୍ଷ ପ୍ରମୋଦିନୀ ସ୍ୱାଇଁ, ସଦସ୍ୟା କ୍ରିଷ୍ଣାରାଣୀ ଦାସ, ଶେଫାଳୀ ତା, କୃଷ୍ଣପ୍ରୀୟା ବିଶ୍ୱାଳ, ଖୁଲଣାସୁନ୍ଦରୀ ରାଉତ ଓ ସେବତୀ ବେହେରା ଉପସ୍ଥିତ ଥିଲେ। ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ପ୍ରିୟଙ୍କା ମହାପାତ୍ରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଆସନ୍ତା ଦିନରେ ନ୍ୟାଅ ନମିଳିଲେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଆହ୍ୱାନ ଦେଇଛନ୍ତି ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବିତରଣ



ପଞ୍ଚୁପାଣ୍ଡବ,୨୧।୨(ସମିସ):ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଚିତ୍ରା ମାଳିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଶ୍ରୀକାନ୍ତ ବେହେରା ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଜେନା ଓ ସମ୍ମାନିତ ଅତିଥି ଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଏବିଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର,ଦେବଦତ୍ତ ଶତପଥୀ ଏବଂ ସିଆରସିସି ପ୍ରଦୀପ କୁମାର ମଲ୍ଲ ଯୋଗ ଦେଇଥିଲେ ।ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ କ୍ରୀଡା ପ୍ରତିଯୋଗିତା ଉତ୍ସବରେ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସମସ୍ତ ଅତିଥିମାନେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ।ଶିକ୍ଷକ ଚିତ୍ତରଞ୍ଜନ ସାମଲ,ମୁକୁନ୍ଦ ପ୍ରସାଦ ଦାସ,ସତ୍ୟନାରାୟଣ ବଳ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ ।

● ତୀର୍ଥଯାତ୍ରାରୁ ଫେରୁଥିବାବେଳେ ଅଘଟଣ

# ଝଙ୍କଡ଼ ଶାରଳା ମନ୍ଦିରର ପରିଚ୍ଛାଙ୍କ ହୃଦ୍‌ଘାତରେ ପରଲୋକ



ତିର୍ତ୍ତୋଲ, ୨୧।୨(ସମିସ): ବାଲାଜୀ ତିରୁପତିଙ୍କ ଧାମରେ, ସର୍ବ ଭାରତୀୟ ମନ୍ଦିରର ମୁଖ୍ୟପୁରୋଧା ମାନଙ୍କର ଏକ ସମ୍ମିଳନୀରେ ଯୋଗଦେବା ପାଇଁ ଝଙ୍କଡ଼ ଶାରଳା ମନ୍ଦିରର ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା ଓ ପରିଚ୍ଛା ପଣ୍ଡିତ ସୁଦାମ ଚରଣ ପଣ୍ଡା କିଛିଦିନ ପୂର୍ବରୁ ତିରୁପତି ଯାଇଥିଲେ। ସେଠାରେ ସମ୍ମିଳନୀରେ ଯୋଗଦେବା ପରେ ବାଲାଜୀ ତିରୁପତିଙ୍କ ଦର୍ଶନ ସାରି ଟ୍ରେନରେ ନିଜ ଘରକୁ ଫେରିବା ବେଳେ ଆଜି ଭୋର୍ ୪ ଟା ବେଳେ, ବାଥ ରୁମ୍‌କୁ ଯାଇଥିବା ସମୟରେ, ହୃଦ୍‌ଘାତରେ ପଣ୍ଡିତ ସୁଦାମ ଚରଣ ପଣ୍ଡା (୭୧) ଙ୍କର ପରଲୋକ ହୋଇଯାଇଛି। ସେ ମା ଶାରଳାଙ୍କ ସମର୍ପିତ ସେବକ ଭାବରେ ଦୀର୍ଘ ତିନିଦଶନ୍ଧି ଧରି ମନ୍ଦିରର ସମସ୍ତ ପଣ୍ଡା ସେବକ ମାନଙ୍କର ପ୍ରତିନିଧି ପରିଚ୍ଛା ଭାବରେ ନିଜର କାର୍ଯ୍ୟନିର୍ବାହ କରି ଆସୁଥିଲେ। କିଛିମାସ ପୂର୍ବରୁ ରାଜଧାନୀ ଦିଲ୍ଲୀ ଗସ୍ତକରି, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମା' ଶାରଳାଙ୍କର ଏକ ରୌପ୍ୟ ମୂର୍ତ୍ତୀ ପ୍ରଦାନ କରିବା ସହିତ ତାଙ୍କୁ ଝଙ୍କଡ଼ ଶାରଳା ପୀଠକୁ ପରିଦର୍ଶନରେ ଆସିବା ପାଇଁ ନିମନ୍ତ୍ରଣ କରିଥଲେ। ତାଙ୍କର ଏହି ପରଲୋକ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମରଶରୀର ଏଠାରେ ପହଞ୍ଚିବା ପରେ ଶବ ଶୋଭାଯାତ୍ରରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। ତାଙ୍କ ବିୟୋଗରେ ଜଗନ୍ନାଥ ମହୋତ୍ସବ କମିଟିର ମାର୍ଗ ଦର୍ଶକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସଭାପତି ଇଂ.ବିଷ୍ଣୁ ଚରଣ ସ୍ୱାଇଁ, ସମ୍ପାଦକ କ୍ଷୀରୋଦ ରାଉଳ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ରାଉଳ ଓ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ, ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ପୂର୍ବତନ ସାଂସଦ ଡଃ.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ଡଃ.ରମାକାନ୍ତ ଭୋଇ, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବିଜେପି ନେତା ଅଶୋକ ମହାନ୍ତି, ସ୍ଥାନୀୟ ସରପଞ୍ଚ ରେବତୀ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ଜନପ୍ରତିନିଧି, ସାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପଣ୍ଡା ସେବକଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ

# ୧୪୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ଜଗତସିଂହପୁର, ୨୧।୨ (ସମିସ)



ଶୁକ୍ରବାର ଦିନ ସମଗ୍ର ରାଜ୍ୟରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ତେବେ ପରୀକ୍ଷା ପାଇଁ ଆବେଦନ କରିଥିବା ୧୨୭୦୨ ଛାତ୍ରଛାତ୍ରୀଙ୍କ

## ତଦାରଖ କଲେ ୩ ସ୍କ୍ୱାଡ୍, ବିଡିଓ, ନିର୍ବାହୀ ଅଧିକାରୀ

ମଧ୍ୟରୁ ପ୍ରଥମ ଦିନ ୧୪୫ ଜଣ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଜିଲ୍ଲାର ମୋଟ ୮୯ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ସୂଚାରୁ ରୂପେ ପରୀକ୍ଷା ପରିଚାଳନା କରାଯାଇଛି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଜିଲ୍ଲାସ୍ତରରେ ଗଠିତ ୨ଟି ସ୍କ୍ୱାର୍ଡ ଏବଂ ବୋର୍ଡ ତରଫରୁ ଆଉ ଏକ ସ୍କ୍ୱାର୍ଡ ଶୁକ୍ରବାର ଦିନ ବିଭିନ୍ନ କେନ୍ଦ୍ର ବୁଲି ପରୀକ୍ଷା ତଦାରଖ କରିଥିଲେ। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ୮ଟି ବ୍ଲକର ଅଞ୍ଚଳରେ ସ୍ଥାନୀୟ ବିଡିଓ ଓ ତହସିଲଦାର ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ପାରାଦୀପ ଓ ଜଗତସିଂହପୁର ପୌରାଞ୍ଚଳରେ ୨ ନିର୍ବାହୀ ଅଧିକାରୀ ବିଭିନ୍ନ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ। ତେବେ କୌଣସି ସ୍ଥାନରେ ସେପରି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିବା ଶିକ୍ଷା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ଅପରେସନ୍ ଓଲିଭିଆ।

# ଅଲିଭ୍ ରିଡ୍‌ଲେଙ୍କୁ ସୁରକ୍ଷା ଦେଉଛି ଭାରତୀୟ ତଟରକ୍ଷୀ ବାହିନୀ





ପାରାଦୀପ, ୨୧।୨ (ସମିସ): ଓଡ଼ିଶାର ରୁଷିକୁଲ୍ୟା ଏବଂ ଦେବୀ ନଦୀ ମୁହାଣରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବିପଦଗ୍ରସ୍ତ ପ୍ରଜାତି ଓଲିଭରିଡ୍ ଲେ କଇଁଛଙ୍କ ଦ୍ୱାରା ୫, ୫୫, ୬୩୮ ଟି ଅଣ୍ଡା ଦାନ ହୋଇଛି। ଏହି ପ୍ରୟାସ ବିରଳ ଅଲିଭ ରିଡଲେ କଇଁଛ ସୁରକ୍ଷା ପାଇଁ ସମୂହିକ ସଂରକ୍ଷଣ ଉଦ୍ୟମର ଏକ ପ୍ରତୀକ ଅଟେ। ଏହି ସ୍ଥାନଗୁଡ଼ିକୁ ନିୟମିତ ଭାବରେ ନିରୀକ୍ଷଣ କରାଯାଉଛି, ୧୯୯୧ ମସିହା ଠାରୁ ନିୟମିତ ଭାବରେ ଭାରତୀୟ ତଟ ରକ୍ଷକ ବନ୍ୟ ପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ ଅନୁଯାୟୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିରନ୍ତର ସାହାଯ୍ୟ ପ୍ରଦାନ କରି ଆସୁଅଛି। ଅପରେସନ ଓଲିଭିଆ ୨୫ ଅନ୍ତର୍ଗତ, ଫେବୃଆରୀ ୨୦ ଅବଧି ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ବିପଦଗ୍ରସ୍ତ ଓଲିଭ ରିଡଲେ କଇଁଛ ସମୂହ ଅଣ୍ଡା ଦାନ ଉତ୍ସାହଜନକ ହୋଇଛି। ଏଥି ମଧ୍ୟରେ ରଷିକୂଲ୍ୟାରେ ୬, ୧୨୬ ଟି ବସା ଗଠିତ ହୋଇ ଅଲିଭ ରିଡଲେ କଇଁଛ ମାନେ ୫, ୫୧, ୨୩୮ ଟି ଅଣ୍ଡା ଦାନ କରିଛନ୍ତି, ଯେଉଁଥିରେ ଦେବୀ ନଦୀ ମୁହାଣରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ କ୍ରମାଗତ ଭାବରେ ୬୦ଟି ବସା ଓ ୫, ୪୦୦ ଟି ଅଣ୍ଡା ମିଳିଛି। ଭାରତୀୟ ତଟରକ୍ଷକ ସାମୁଦ୍ରିକ ଆଇନ ଦୃଢ଼ ଭାବରେ ଅନୁସରଣ କରିବା ଏବଂ ସମୁଦ୍ର ପରିବେଶ ସୁରକ୍ଷିତ କରିବା ପାଇଁ ଦାୟିତ୍ୱବାନ ଅଟେ। ଭାରତୀୟ ତଟରକ୍ଷକ ରାଜ୍ୟ ମତ୍ସ୍ୟ ଓ ବନ୍ୟ ବିଭାଗ ସହଯୋଗରେ ଏହି ଅଭିଯାନ ଚଳାଇ ଆସୁଅଛି। ଯାହା ୧ ନଭେମ୍ବରରୁ ଆରମ୍ଭ ହୋଇ ୩୧ ମେ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ଅନ୍ତର୍ଗତ ଭାରତୀୟ ତଟ ରକ୍ଷକ ନିୟମିତ ଭାବରେ ସାମାଜିକ ସଚେତନତା ଅଭିଯାନ ଆୟୋଜନ କରୁଛି। ଉପକୂଳର ଲୋକମାନଙ୍କୁ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଜାଗ କରାଯାଉଛି। ଏହି ସମୟରେ ମାଛ ଧରିବା ବା ନୌକାଗୁଡ଼ିକୁ ନିରୀକ୍ଷଣ କରାଯାଉଛି। ଯେଉଁଥିରେ କଇଁଛ ସୁରକ୍ଷା ଯନ୍ତ୍ରର ବ୍ୟବହାର ସୁନିଶ୍ଚିତ ହୋଇପାରିବ। ଭାରତୀୟ ତଟ ରକ୍ଷକର ଜାହାଜ ଏବଂ ବିମାନ ଗୁଡ଼ିକ କଇଁଛ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ତାଙ୍କ ପାଇଁ ଉପଯୁକ୍ତ ପରିବେଶ ନିର୍ମାଣ କରିବା ପାଇଁ ଅନବରତ ନିୟୋଜିତ ହୋଇଛି। ଏହି ଅଭିଯାନ ଅନ୍ତର୍ଗତ ୨୯ ଟି ଭାରତୀୟ ତଟ ରକ୍ଷକ ଜାହାଜ ୧୩୮ ଦିନ ସମୁଦ୍ରରେ ଗସ୍ତ କରିଛି ଏବଂ ତଟରକ୍ଷକର ବିମାନ ୬୫ ଘଣ୍ଟା ଅଭିଯାନ କରିଛି। ଏହି ଉଦ୍ୟମ ଚତୁର୍ଥାଂଶ ହାରରେ କଇଁଛ ମୃତ୍ୟୁହାର କମାଇବାରେ ସାହାଯ୍ୟ କରିଛି। ଏଥିପର୍ଯ୍ୟନ୍ତ ସମୁଦ୍ରରେ ୧୫୦ଟି ମାଛ ଧରୁଥିବା ନୌକା ନିରୀକ୍ଷଣ କରାଯାଇଛି। ଯେଉଁଥିରେ ସାମୁଦ୍ରିକ ଆଇନକୁ ପାଳନ କରିବା ପାଇଁ ନିଶ୍ଚିନ୍ତ କରାଯାଇଛି।

# ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବିରିଡି, ୨୧।୨(ସମିସ): ବିରିଡି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧଶାସନ ପକ୍ଷରୁ ବିଦ୍ୟାଳୟର କୃତି ଛାତ୍ରୀ ଆସ୍ଥା ଦାଶ ତୃତୀୟ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ସିଆରସିସି ଧନଞ୍ଜୟ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ସେଠୀ, ସମ୍ମାନିତ ଅତିଥି ଭାବେ ମୀନର୍ଭାବଳ, ଶର୍ମିଷ୍ଠା ସ୍ୱାଇଁ, ନିରୂପମା ରଥ ଓ ଛାତ୍ରୀଙ୍କ ପିତା ରାକେଶ ଦାଶ, ମାତା ବିଚିତ୍ରା ଦାଶ ପ୍ରମୁଖ ଉପସ୍ଥିତ ରହି ଫୁଲତୋଡା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିବା ସହ ଛାତ୍ରୀ ସୁଶ୍ରୀ ଦାଶଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ



ବିରିଡି, ୨୧।୨(ସମିସ): ଶୁକ୍ରବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁଳକଇଜଙ୍ଗା, ବିରିଡିଠାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁ ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ପିତାମ୍ବର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗୀତିକବି ବାମଦେବ ସ୍ୱାଇଁ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସାଗରିକା ସିଂ ମଞ୍ଚ ପରିଚାଳନା କରିବା ସହିତ ଆଚାର୍ଯ୍ୟ ଦିବ୍ୟଜ୍ୟୋତି ରାଉତରାୟ ଅତିଥି ପରିଚୟ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୁଣ୍ଡୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ, ନିବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା। ଆଚାର୍ଯ୍ୟା ଶୁଭସ୍ମିତା ରଥ ଓ ଆଚାର୍ଯ୍ୟ ଲୋଭାକାନ୍ତ ବେହେରା ଙ୍କ ସହାୟତା ରେ ମୁଖ୍ୟ ଅତିଥି କୃତ୍ତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

● ଡେରାବିଶ ବ୍ଲକରେ ୯ ମାଟ୍ରିକ ପରୀକ୍ଷା କେନ୍ଦ୍ର

# ୧୬୭୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ ଅନୁପସ୍ଥିତ

ଡେରାବିଶ, ୨୧।୨(ସମିସ): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଡେରାବିଶ ବ୍ଲକ ଅଞ୍ଚଳରେ ମୋଟ ୯ ଗୋଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ମୋଟ ୧୬୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ଆଜି ପ୍ରଥମ ଦିବସ ଓଡ଼ିଆ ବିଷୟରେ ବିଭିନ୍ନ କେନ୍ଦ୍ରରେ ମୋଟ ୧୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷା କେନ୍ଦ୍ର ଗୁଡ଼ିକ ମଧ୍ୟରୁ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ସ୍ଥିତ ମଲ୍ଲିକେଶ୍ୱର ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୧୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ଏହି କେନ୍ଦ୍ରରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୧୯୫ ଜଣ ଓ ମଧ୍ୟମାରେ ୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ମଧ୍ୟମାର ୧୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସେହିପରି ବେଲାରପୁର ସ୍ଥିତ ଭଗବତୀ ହାଇସ୍କୁଲରେ୧୯୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ରହିଥିଲେ। ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟରେ ୨୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୧୭୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ, ଆରସି ହାଇସ୍କୁଲ ଫକୀରାବାଦରେ ୧୯୪ ମଧ୍ୟରୁ ଜଣେ, ଠାକୁରହାଟ ସ୍ଥିତ ସୁଦର୍ଶନ ହାଇସ୍କୁଲରେ ୧୬୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଆଜି ଛକନା ସ୍ଥିତ ଶାରଦା ଏକାଡେମୀରେ ୨୧୭ ଜଣ, ଗଣେଶପୁର ସ୍ଥିତ ଲାଲବାହୁର ଶାସ୍ତ୍ରୀ ହାଇସ୍କୁଲରେ ୧୧୯ ଜଣ ଓ ଡେରାବିଶ ହାଇସ୍କୁଲରେ ୧୭୦ ଜଣ ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳାର ସହ ଓଡ଼ିଆ ପରୀକ୍ଷା ଦେଇଥିଲେ। ଏହି ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସମ୍ପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ

କେନ୍ଦ୍ରାପଡ଼ା, ୨୧।୨(ସମିସ): କେନ୍ଦ୍ରାପଡ଼ା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଧୀରେନ ସାହୁ ଓ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ବରିଷ୍ଠ ଉପଦେଷ୍ଟା ସୟଦ ଅବଦୁଲ ସତ୍ତାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ାର ଲେବର ସ୍ପୋର୍ଟି କ୍ଲବ କଲିକତାର ଧାକୁରିଆ ଶକ୍ତି ଓ ସଂହତିକୁ ୨-୦ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫୁଲବାଣୀର ଜେ.ଡି. କ୍ଲବ ବାଙ୍ଗାଲୋରର ଏମଇଜି କ୍ଲବକୁ ୪-୩ ଟ୍ରାଇବ୍ରେକ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକର ତାରର୍ଜନ କ୍ଲବ କେନ୍ଦ୍ରାପଡ଼ାର ଏସଆରଏଚ. ଫୁଟବଲ କ୍ଲବକୁ ୧-୦ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ପୂର୍ବତନ ବିଦାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ବିଜେଡି ନେତା ରବି ସାମଲ ଓ ରାଜେଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ସମ୍ପାଦକ ସେକ ଲିୟାକତ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ମୀର ବକ୍କାଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ମ୍ୟାଚକୁ ସୁହାନୀ ରାଜପୁତ୍, ପରମିତା ଘୋଷ, ସୋମା ମୁର୍ମୁ ଓ ଦେବଜାନୀ ମଣ୍ଡଳ ପ୍ରମୁଖ ରେଫରୀ ଭାବରେ ପରିଚାଳନା କରିଥିଲେ। ସହସମ୍ପାଦକ ସେକ ସଇଫୁଲ୍ଲା ଓ ସେକ ସିରହାନ ଅଲ୍ଲୀ, ଉପଦେଷ୍ଟା ଟିକା ଖାନ୍, ମୀର ଖୁବେର, ଜାହିଦ୍ ଖାନ୍, ଜୁମା ଖାନ୍, ମୀର ୟାସିର, ଅବଦୁଲ ମଲ୍ଲିକ, ମହମ୍ମଦ ଜାକିର, ସେକ ଅକ୍ତର, କଲିମ ଖାନ୍, ନୁରୁଲ ହକ୍, ମୀର ଫାରୁକ୍,



ବସ ଖାନ୍, ସୟଦ ଅହେସାନ ଅଲ୍ଲୀ, ଅବଦୁଲ ମଜିଦ, ସେକ କମିଲ, ପ୍ରଦୀପ କୁମାର ବେହେରା, ସେକ ୱାସିମ, ସେକ କମିଲ, ସାଜେଦୁର ରହେମାନ, ଖାଜା ରମଜାନୀ, ଅସିଫ ଖାନ୍, ସେକ ପରୱେଜ ଅକ୍ତର, ସେକ ଅମୀର ଅହମ୍ମଦ, ଫୁରକାନ ଖାନ, ମହମ୍ମଦ ଅମୀର, ନଫିସ ଅହେମ୍ମଦ, ନୁର ଖାନ୍, ଅଝାରୁଦ୍ଦିନ ଖାଁ, ସେକ ନସିରୁଦ୍ଦିନ୍, ରହେମତ ଖାନ୍, ଲାଲାବାବୁ, ସେକ ଫରହାନ୍, ମୁନା ଖାନ୍, ବାବା ଖାନ୍, ଅସିଫ୍ ଖାନ୍, ଅହେମ୍ମଦ ଖାନ୍, ରାଜୁ ଖାନ, ଅଦିବ ଖାନ, ଉସମାନ ଖାନ, ସଫିଉର ରହେମାନ, ସାହାବାଜ୍, ସେକ ଗୁଡ୍ଡୁ, ରାକେଶ ମହାପାତ୍ର, ଆୱାସ, ୱାସିମ୍, ମେହେବୁବ୍ ଅଲ୍ଲୀ, ଫାୟାଜ୍, ଅଲି ଖାନ, ଜସ୍ମିନ୍, ତାଜ ମହମ୍ମଦ, ଇସମାଇଲ, ରିଙ୍କୁ, କରନ ଓ ମୋଜୋ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ଦିନରେ ୬ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

ରଘୁନାଥପୁର, ୨୧।୨(ସମିସ): ରଘୁନାଥପୁର ବ୍ଲକର ୮ ଗୋଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ମାତୃଭାଷା ବିଷୟରେ ୧୧୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ଥିବାର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହାଛଡା ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଛି। ପ୍ରତି କେନ୍ଦ୍ରରେ ଏଆଇ କ୍ୟାମେରା ଲଗା ଯାଇଥିବାବେଳେ ପରୀକ୍ଷା ଦାୟିତ୍ୱରେ ପର୍ଯ୍ୟବେକ୍ଷକମାନେ ନିୟୋଜିତ ଅଛନ୍ତି। ମାତୃଭାଷା ପରୀକ୍ଷା ଶେଷ ହେବାପରେ ପିଲାମାନେ ଖୁସିର ସହ ପରୀକ୍ଷା କେନ୍ଦ୍ରରୁ ବାହାରୁଥିବା ଦେଖାଯାଇଛି।

# ଲୁଟ୍ ଅଭିଯୋଗରେ ଯୁବକ ଗିରଫ

କୁଜଙ୍ଗ, ୨୧।୨(ସମିସ): ରବିବାର ରାତିରେ ଲୁଟ୍ ଓ ଡକାୟତି ଘଟଣାରେ ଶୁକ୍ରବାର କୁଜଙ୍ଗ ପୁଲିସ ଜଣକୁ ଗିରଫ କରି କୁଜଙ୍ଗ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ସ୍ଥାନୀୟ ପାନପଲି ଗ୍ରାମର ଏଲିଅଜ ଖାଁ ନିଜ ବାଇକ୍‌ରେ କୁଜଙ୍ଗ ଆସିଥିବା ବେଳେ ରାତି ସାଢେ ୮ ଟା ବେଳେ ଏକ ଚିକେନ ସେଣ୍ଟର ପାଖରେ ଆସାମୀ ଲାଲ୍ ମହମ୍ମଦ ଏବଂ ସେଖ୍ ରୁଆଇଦ୍ ତାଙ୍କୁ ଅଟକାଇ ମାଡ଼ମାରି ପକେଟ୍‌ରୁ ୧୪ହଜାର ୫୦୦ ଟଙ୍କା, ରୂପା ବ୍ରାସଲେଟ୍ ଓ ଚେନ ଛଡ଼ାଇ ନେଇ ଫେରାର ହୋଇ ଯାଇଥି। ଆଜି ପୁଲିସ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ପୂର୍ବରୁ ମଧ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ପୁଣି ହାଇୱା ଗାଡ଼ି ଦୁର୍ଘଟଣାଗ୍ରସ୍ତ

କୁଜଙ୍ଗ, ୨୧।୨(ସମିସ): ଗୁରୁବାର ବିଳମ୍ବିତ ରାତ୍ରିରେ ତାଳଦଣ୍ଡା ଚୌଧୁରୀ ଗଡ଼ା ନିକଟରେ ରାସ୍ତା ରେ ପାର୍କିଂ କରିଥିବା ଏକ ଗାଡିକୁ ପଛ ପଟୁ ଏକ ହାଇୱା ଗାଡି ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଧକା ଦେଇଥିବା ଗାଡ଼ିର ଚାଳକ ଗୁରୁତର ହୋଇ ଥିବା ବେଳ ତାଙ୍କୁ ପୁଲିସ୍ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅନିଲ ମେମୋରିଆଲ୍ ଗୋଲଡେନ୍ କପ୍ କ୍ରିକେଟ୍

# ରାଇଡର୍ସଙ୍କୁ ହରାଇ ଫାଇନାଲ୍‌ରେ ବିଡ଼ାନାସୀ

ଜଗତସିଂହପୁର, ୨୧।୨ (ସମିସ)



ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନିଲ ମେମୋରିଆଲ ଗୋଲଡେନ କପ୍ କ୍ରିକେଟ୍‌ର ୨ୟ ସେମି ଫାଇନାଲରେ ଭୁବନେଶ୍ୱରର ରାଇଡର୍ସ ଇଲେଭେନ୍‌କୁ ୫ ୱିଇକେଟ୍‌ରେ ହରାଇ କଟକର ବିଡାନାସୀ କ୍ରିକେଟ୍ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାଇଡର୍ସ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା। ଦଳପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୫୮ ରନ୍ କରିଥିଲେ ଏବଂ ବିଡାନାସୀର ବିଟୁ ପାଣ୍ଡେ ୩ଟି ୱିକେଟ୍ ନେଇଥିଲେ। ଏହାର ଜବାବରେ ବିଡାନାସୀ କ୍ରିକେଟ୍ କ୍ଲବ୍ ୧୮.୨ ଓଭରରେ ୫ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ଶ୍ରେୟାଂଶ ମହାପାତ୍ର ଧୂଆଁଧାର ବ୍ୟାଟିଂ କରି ଦର୍ଶକଙ୍କ ମନୋରଞ୍ଜନ କରିବା ସହିତ ସର୍ବାଧିକ ୯୦ ରନ୍ କରିଥିଲେ। ରାଇଡର୍ସର ପ୍ରଶାନ୍ତ ସାହୁ ୩ଟି ୱିକେଟ୍ ନେଇଥିଲେ। ପୂର୍ବାହ୍ନରେ କ୍ରୀଡ଼ା ସଂଘର ଉପଦେଷ୍ଟା ସୁଧୀର କୁମାର ସିହ୍ନା ଅତିଥିଭାବେ ଯୋଗଦେଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କାଞ୍ଚନମୂରଲୀ ହୋଣ୍ଡାର ପରିଚାଳକ ହେମନ୍ତ କୁମାର ରଥ, ଯାତ୍ରା ନିର୍ଦ୍ଦେଶକ ଭଗବାନ ପଣ୍ଡା, ସଂଘର ଉପଦେଷ୍ଟା ଜୟନ୍ତ ଅଧିକାରୀ ଏବଂ ହିନ୍ଦି ଭାଷ୍ୟକାର ଏସ୍‌କେ ସଲମାନ ଜଲାଲୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ସର୍ବାଧିକ ରନ୍ କରିଥିବା ଶ୍ରେୟାଂଶ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜୀବ ବେହେରା ଓ ଜୟନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସନ୍ତୋଷ ଜେନା, ଆଶୁତୋଷ ତ୍ରିପାଠୀ, ସୈମ୍ୟଜିତ୍ ସାହୁ, ସାହିଲ ମିର୍ଜା ବେଗ୍, ଆଦିତ୍ର ପାତ୍ର, ସ୍ୱପ୍ନଜିତ୍ ସାହୁ, ଗିରିଜା ଦାସ, ରମାକାନ୍ତ ଚୌଧୂରୀ, ରଙ୍ଗତାର.ଶଙ୍କର ବାରିକ, ରୁଦ୍ର ମଲ୍ଲିକ, ରବୀନ୍ଦ୍ର ଦାସ, ସନ୍ତୋଷ ସାହୁ, ସତ୍ୟଜିତ ଏବଂ ବିଶ୍ୱଜିତ୍ ପ୍ରମୁଖ ସହଯୋଗ କରିଥିଲେ। ୨୩ ତାରିଖ ରବିବାର ଦିନ କଟକର ବିଡାନାସୀ କ୍ରୀକେଟ୍ କ୍ଲବ୍ ଏବଂ ଜୁଭେନାଇଲ୍ କ୍ରୀକେଟ୍ କ୍ଲବ୍ ମଧ୍ୟରେ 'ଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଂଘର କ୍ରୀଡା ସମ୍ପାଦକ ଅଶୋକ ଦାସ ସୂଚନା ଦେଇଛନ୍ତି।

# କୁଜଙ୍ଗ ମହାବିଦ୍ୟାଳୟ ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ କର୍ମଶାଳା



କୁଜଙ୍ଗ, ୨୧।୨(ସମିସ): କୁଜଙ୍ଗ ମହାବିଦ୍ୟାଳୟ ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଏମରଜିଂ ଟ୍ରେନଡ୍ ଇନ ଲାଇଫ ସାଇନ୍ସ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶିଶିର ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ଗୌତମ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ସଲମାନ୍ ସାହୁ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ +୩ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ବହୁ ଅଧାପକ ଅଧାପିକା ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

